# ମାଘମେଳା ପ୍ରସ୍ତୁତିରେ ବ୍ୟାପକ ଅର୍ଥ ହରିଲୁଟ୍ ଅଭିଯୋଗ

## ବୈଠକ ବର୍ଜନ କଲେ ୯ କାଉନସିଲର

କୋଣାର୍କ,୨୩।୧(ସମିସ)



ପୁରାଣ ପ୍ରସିଦ୍ଧ ମାଘମେଳା ପ୍ରସ୍ତୁତିରେ କୋଣାର୍କ ଏନ୍‌ଏସି ଅଧକ୍ଷା, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ବ୍ୟାପକ ଅର୍ଥ ହରିଲୁଟ୍ କରିଥିବା ଏନ୍‌ଏସିର ୯ଜଣ କାଉନସିଲର ଅଭିଯୋଗ କରିଛନ୍ତି। ୫ନମ୍ବର ୱାର୍ଡ କାଉନସିଲର୍ ନିହାର ରଞ୍ଜନ ବେଉରାଙ୍କ ସମେତ ୱାର୍ଡ ନଂ- ୧, ୨, ୬, ୭, ୧୦, ୧୧, ୧୨ ଓ ୧୩ର କାଉନସିଲର ମମତା ଦାସ, ରୀନା ବିଶ୍ୱାଳ, ବିଶ୍ୱମ୍ବର ବିଶ୍ୱାଳ, କୃଷ୍ଣପ୍ରିୟା ନାୟକ, ସ୍ୱପ୍ନା ଗୋଛାୟତ, ସ୍ୱର୍ଣ୍ଣଲତା ଦାସ, ସୌଦାମିନୀ ମଲିକ ଓ ଶୁଭସ୍ମିତା ପାତ୍ର ଅଭିଯୋଗ କରିଛନ୍ତି ଯେ ଗତ ଡିସେମ୍ବର ୧୭ ତାରିଖରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଘମେଳା ନିମନ୍ତେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଣାର୍କ ଏନ୍‌ଏସିକୁ ଶ୍ରୀଜୀଉମାନଙ୍କ ନୀତି ସମ୍ପାଦନ, ତୀର୍ଥ ପୁଷ୍କରିଣୀ ପାଚେରି ମରାମତି ଓ ରଙ୍ଗ, ତୀର୍ଥଜଳରେ ବ୍ଲିଚିଂ ପକାଇ ବିଶୋଧନ, ମେଳାପଡ଼ିଆ ସଫେଇ, ଆଲୋକୀକରଣ ଓ କାଞ୍ଜିଆ ହୁଦା ବ୍ୟାରିକେଡ୍ ନିର୍ମାଣ ଆଦି ପ୍ରସ୍ତୁତି କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନର ପ୍ରଥମ ସମନ୍ୱୟ ବୈଠକ ପରେ ଏନ୍‌ଏସି ଅଧକ୍ଷା କାଉନସିଲ୍ ବୈଠକ ଡକାଇ ଏହିସବୁ କାର୍ଯ୍ୟ ସମ୍ପର୍କରେ କାଉନସିଲ୍ ସଦସ୍ୟମାନଙ୍କୁ ଅବଗତ କରାଇବା କଥା। ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଏ ସମ୍ପର୍କରେ କାଉନସିଲ୍ ବୈଠକରେ ଆଲୋଚନା ନକରି ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ସହଯୋଗରେ ଗତ ୧୨ ତାରିଖରେ ମେଳାପଡ଼ିଆ ଆଲୋକୀକରଣ, ନୈବେଦ୍ୟ ଭୋଗ ସାମଗ୍ରୀ ଓ କାଞ୍ଜିଆହୁଦା ନିମନ୍ତେ ବେଆଇନ ଟେଣ୍ଡର କରିଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ତୀର୍ଥ ପୁଷ୍କରିଣୀ ପାଚେରି ମରାମତି, ଜଳ ବିଶୋଧନ ଓ ରଙ୍ଗ ଏବଂ ଏନ୍‌ଏସି କାର୍ଯ୍ୟାଳୟ ମରାମତି ଓ ରଙ୍ଗ କାର୍ଯ୍ୟ ବିନା ଟେଣ୍ଡରରେ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ୨୪ ତାରିଖ ମାଘ ଶୁକ୍ଳ ଷଷ୍ଠୀ ତିଥିରେ ଚନ୍ଦ୍ରଭାଗା ମେଳାପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ୨୫ ତାରିଖ ସକାଳୁ ଶ୍ରଦ୍ଧାଳୁମାନେ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବେ। ବାହାଘରବେଳେ ବାଇଗଣ ରୁଆ ଭଳି ଗତ ୨୧ ତାରିଖରେ ଅଧକ୍ଷା ମାଘମେଳା ନିମନ୍ତେ ସ୍ୱତନ୍ତ୍ର କାଉନସିଲ ବୈଠକ ଡକାଇଥିଲେ। ଏହି ବୈଠକରେ ଏନ୍‌ଏସିର ୧୩ଜଣ କାଉନସିଲରଙ୍କ ମଧ୍ୟରୁ ଉପରୋକ୍ତ ୯ଜଣ କାଉନସିଲର ଅଧକ୍ଷାଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବୈଠକ ପରିତ୍ୟାଗ କରିଥିଲେ। ଗତ ଡିସେମ୍ବର ୨୩ ତାରିଖରେ ପରିଷଦର ୧୬ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ମାଘମେଳା ପ୍ରସ୍ତୁତି ସମ୍ପର୍କରେ କୌଣସି ଆଲୋଚନା ହୋଇନଥିଲା। ଉକ୍ତ ସାଧାରଣ ପରିଷଦ ବୈଠକ ହେବାର ଏକମାସ ବିତିଯାଇଥିଲେ ମଧ୍ୟ ବୈଠକ ବିବରଣୀର ନକଲ କାଉନସିଲରଙ୍କୁ ଯୋଗାଇ ଦିଆଯାଇନଥିବା ଅଭିଯୋଗ ହୋଇଛି। ଅଧକ୍ଷା, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ବେଆଇନ କାର୍ଯ୍ୟ ସମ୍ପର୍କରେ ପୁରୀ ଜିଲ୍ଲାପାଳ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା କାଉନସିଲର ନିହାର ରଞ୍ଜନ ବେଉରା ପ୍ରକାଶ କରିଛନ୍ତି। କାଉନସିଲରମାନଙ୍କ ଏହି ଅଭିଯୋଗ ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା କହିଛନ୍ତି ଯେ ଅଧକ୍ଷାଙ୍କ ନିର୍ଦ୍ଦେଶକ୍ରମେ ସବୁ କାର୍ଯ୍ୟ ହେଉଛି। ଏନ୍‌ଏସି ଅଧକ୍ଷାଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ବି ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

- କାଉନସିଲର୍‌ଙ୍କ ଅଜ୍ଞାତରେ ଗୁପ୍ତ ଟେଣ୍ଡର
- ଏନ୍‌ଏସି ଅଧକ୍ଷାଙ୍କ ମନମୁଖୀ ନିଷ୍ପତ୍ତିକୁ ବିରୋଧ

## ମନ୍ଦାକିନୀ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



କଣାସ,୨୩।୧(ସମିସ): କଣାସ ବ୍ଲକ୍‌ରେ ବିଳମ୍ବରେ ହେଲେ ମଧ୍ୟ ଆଜି ଦୁଇଟି ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ମନ୍ଦାକିନୀ ସମବାୟ ସମିତି ପକ୍ଷରୁ ମଣିଜପୁର ରାମମନ୍ଦିର ଠାରେ ପ୍ରଥମ ଧାନମଣ୍ଡି ଖୋଲିବା ସହ ୬ଜଣ ଚାଷୀଙ୍କଠାରୁ ୧୮୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ସଭାପତି ଉମାକାନ୍ତ ପଟ୍ଟନାୟକ ପୂଜାର୍ଚ୍ଚନା କରିବା ପରେ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଚିନ ପଟ୍ଟନାୟକ, ନୋଡାଲ ଅଫିସର ଭୀମସେନ ସୋରେନ, ରାଜସ୍ୱ ନିରୀକ୍ଷକ କଇଁଫୁଲ ନାୟକ, ଆର୍‌ଏମ୍‌ସିର କର୍ମକର୍ତ୍ତା ରବୀନ୍ଦ୍ର ସାହୁ, ଗୟାଧର ବେହେରା, ପରିଚାଳନା ସଦସ୍ୟ ବାବୁଲି ସାମନ୍ତସିଂହାର, ସବିତା ରଉତରାୟ, ନିର୍ମଳ ଉତ୍ତର କବାଟ ସମେତ କମିଟି ସଦସ୍ୟ ଓ ଚାଷୀ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମା' ମଙ୍ଗଳା ଓ ପାୟଲ ରାଇସ୍‌ମିଲ୍ ବ୍ରହ୍ମଗିରି ଧାନ କ୍ରୟ କରିଥିବାବେଳେ ୩୩୭ ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଥିଲେ। ୩୩୪ ଜଣ ଧାନ ବିକ୍ରୟ କରିବା ପାଇଁ ଟୋକନ ମିଳିଥିବାବେଳେ ୩ ଜଣ ଚାଷୀଙ୍କୁ ଟୋକନ ମିଳିନଥିବା ଜଣାପଡ଼ିଛି। ସେହିପରି ବକୁ ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡି ଖୋଲାଯାଇଛି। ସୁବଳ ରାଉତ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବାବେଳେ ସମ୍ପାଦକ ରୂପକ ସାମନ୍ତରାୟ ଉପସ୍ଥିତ ରହିଥିଲେ। ୮ ଜଣ ଚାଷୀଙ୍କ ଠାରୁ ୧୯୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା।

## ଆର୍‌ଏସ୍‌ଏସ୍‌ର ମୁଖପତ୍ର ଇତିହାସାୟନ ଉନ୍ମୋଚିତ



ଚାରିଛକ,୨୩।୧(ସମିସ): ଭାରତୀୟ ଇତିହାସ ସଂକଳନ ସମିତି ଓଡ଼ିଶା ତାର ମୁଖପତ୍ର 'ଇତିହାସାୟନ'ର ଦ୍ୱାଦଶ ପ୍ରକାଶନ 'ଶତାୟୁ ସଂଘ' ବିଶେଷାଙ୍କର ଲୋକାର୍ପଣ କାର୍ଯ୍ୟକ୍ରମ ରାଜ୍ୟ ସଂଗ୍ରାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିକ୍ରମ କେଶରୀ ମହାପାତ୍ର, ପୂର୍ବତନ ଅଧକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ନାଲୋକର ଅଧକ୍ଷ ଡଃ ତପନ କୁମାର ଚାନ୍ଦ୍, ପ୍ରଫେସର ବସନ୍ତ କୁମାର ମଲ୍ଲିକ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହ-ପ୍ରାନ୍ତ ଶାରୀରିକ ପ୍ରମୁଖ, ରାଷ୍ଟ୍ରୀୟ ସ୍ୱୟଂସେବା ସଂଘ ଓଡ଼ିଶା, ପୂର୍ବପ୍ରାନ୍ତ ଡଃ ସନ୍ତୋଷ କୁମାର ମିତ୍ର, ଉପାଧକ୍ଷ ଭାରତୀୟ ଇତିହାସ ସଂକଳନ ସମିତି ଓଡ଼ିଶା ପ୍ରମୁଖ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବା ସଂଘ ୧୦୦ବର୍ଷ ପାଳନ ଅବସରରେ ସଂଘ ପ୍ରେରଣାରେ ପରିଚାଳିତ ସଂକଳନ ସମିତି ଏହି ସଂସ୍କରଣ ମାଧ୍ୟମରେ ସେହି ମହାନ ଆତ୍ମାମାନଙ୍କୁ ନିଜର କୃତଜ୍ଞତା ଅର୍ପଣ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟବକ୍ତା ପ୍ରଫେସର ବସନ୍ତ କୁମାର ମଲ୍ଲିକ ମତ ଉପସ୍ଥାପନା କରିଥିଲେ ଯେ ସଂଘର ସମ୍ପାଦକ ଆଦ୍ୟାଶାର ସଂଘ ଚାଳକ, ପରମ ପୂଜନୀୟ ଓ ଅତୁଳନୀୟ ଦାନ, ସଂଘ ଶାଖା ଯାହାଙ୍କ ମଣିଷ ତିଆରି କାରଖାନା ସ୍ୱରୂପ ଶାଖାରୁ ସଂସ୍କାରିତ ସ୍ୱୟଂସେବକ ଦେଶର ସେବା, ସୁରକ୍ଷା ସହିତ ସାରା ବିଶ୍ୱର ମଙ୍ଗଳ ପାଇଁ ତପସ୍ୟାରତ। ଡଃ ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ କହିଥିଲେ ଯେ ଭାରତ ଇତିହାସରେ ଥିବା ତ୍ରୁଟିକୁ ତଥ୍ୟ ଦ୍ୱାରା ସୁଧାର କରିବାର ଆବଶ୍ୟକତା ଅଛି। ଏହି କାର୍ଯ୍ୟକ୍ରମରେ କମଳେଶ ଦାଶ ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ ଅଖିଳ ଭାରତୀୟ ଇତିହାସ ସଂକଳନ ଯୋଜନା ନୂଆଦିଲ୍ଲୀ ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ। ପ୍ରଫେସର ଗୋପାଳକୃଷ୍ଣ ଦାଶ, ବିଜୟ କୁମାର ପଣ୍ଡା, କାର୍ତ୍ତିକ ରାଉତ, ଡ.ପାରେଶ୍ୱର ସାହୁ, ଡ.ଉମାକାନ୍ତ ମହାରଣା, ଡ.ଗିରିଜା ଶଙ୍କର ବଳ, ଡ.ଗିରିଧାରୀ ପାତ୍ର, ପ୍ରଦୀପ ମିଶ୍ର, ଗଙ୍ଗାଧର ଦାଶ ଓ ଗୋପାଳ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୟାହାଟ ସମବାୟ ଧାନମଣ୍ଡି ଉଦ୍‌ଘାଟିତ



ନୟାହାଟ,୨୩।୧(ସମିସ): ଧୂମାଳ ଓ ଜଙ୍ଗଲବୋରି ଦୁଇଟି ପଞ୍ଚାୟତକୁ ନେଇ ନୟାହାଟ ସମବାୟ ସମିତି ଗଠନ କରାଯାଇଥିବା ବେଳେ ଶୁକ୍ରବାର ନୟାହାଟ ଠାରେ ଧାନ ମଣ୍ଡିକୁ ସେବା ସମବାୟର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଅକ୍ଷୟ ରାୟ କହିଥିଲେ ଯେ, ପ୍ରଥମ ଦିନରେ ୬୦୦ ବସ୍ତା ଧାନ କିଣାଯାଇଥିବା ବେଳେ ଏହି ମଣ୍ଡିରେ ୧୨ ହଜାର କ୍ୱିଣ୍ଟାଲ୍ ଧାନ କିଣା ଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମଣ୍ଡି ଉଦ୍‌ଘାଟନ ସମୟରେ ତନ୍ମୟ ମହାନ୍ତି, ପ୍ରଶାନ୍ତ ସାହୁ, ପର୍ଶୁରାମ ସାହୁ, ସମୀର କୁମାର ମହାପାତ୍ର, କେଦାର ନାଥ ସାହୁ ଓ ଚାଷୀ ଶରତ କୁମାର ପାତ୍ର, ପବିତ୍ର ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନୟାହାଟ,୨୩।୧(ସମିସ): ନୟାହାଟ ଫାଣ୍ଡି ପଲ୍ଲୀ ଛକରେ ଥିବା ବାଲିକପିଳେଶ୍ୱର ମହାଦେବଙ୍କ ପୀଠରେ ୩୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ୨୧ ତାରିଖଠାରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଥିଲା। କାଦୁଆ ନଦୀ କୂଳରେ ଅବସ୍ଥିତ ବାଲି କପିଳେଶ୍ୱର ଠାକୁରଙ୍କ ବରିଷ୍ଠ ଆୟୋଜକ ଭାବେ ସମାଜସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ଚଳିତ ବର୍ଷ ଠାକୁରଙ୍କ କାର୍ଯ୍ୟକ୍ରମରେ ଆଖପାଖ ୨୦ ଖଣ୍ଡ ଗ୍ରାମର ହଜାର ହଜାର ଭକ୍ତ ସନ୍ଧ୍ୟାରେ ଠାକୁରଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା



ଅସ୍ତରଙ୍ଗ,୨୩।୧(ସମିସ): ବିଦ୍ୟା ଓ ଜ୍ଞାନ ପ୍ରଦାୟିନୀ ମା ସରସ୍ୱତୀଙ୍କୁ ଆରାଧନା କଲେ ବିଦ୍ୟାର୍ଥୀ ଉତ୍ତମ ଜ୍ଞାନ ସହିତ ଭଲ ମଣିଷ ଟିଏ ହୋବା ପାଇଁ ଆମ ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ହୋଇଛି ତେଣୁ ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବୀ ସରସ୍ୱତୀଙ୍କର ଜନ୍ମଦିନ ରୂପେ ପୁରପଲ୍ଲୀର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳନ କରାଯାଏ। ଅସ୍ତରଙ୍ଗ ଅଞ୍ଚଳ ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ରେ ଆଜି ଧୁମଧାମରେ ବିଦ୍ୟାଦାତ୍ରୀ ଙ୍କର ଆରାଧନା ବହୁ ଆଡ଼ମ୍ବରରେ କରାଯାଇଛି। ସକାଳୁ ସମସ୍ତ ଶିକ୍ଷାଅନୁଷ୍ଠାନର ଛାତ୍ରଛାତ୍ରୀ ନୂତନ ପୋଷାକ ପରିଧାନ କରି ହାତରେ ଫୁଲ, ଧୂପ, ଦୀପ, ଫଳମୂଳ ନେଇ ନିଜ ନିଜ ଶିକ୍ଷାକେନ୍ଦ୍ର ରେ ମା ସରସ୍ୱତୀ ଙ୍କୁ ଅର୍ପଣ କରିବା ସହିତ ଭଲ ବିଦ୍ୟା ପାଇଁ ମା'ଙ୍କୁ ପାର୍ଥନା କରିଛନ୍ତି। ବ୍ରାହ୍ମଣ ମାନଙ୍କ ଦ୍ୱାରା ଶିକ୍ଷାକେନ୍ଦ୍ର ଗୁଡିକ ରେ ବେଦପାଠ, ମନ୍ତ୍ର ଧୋନି ସହିତ ଯଜ୍ଞ କରାଯାଇ ଥିଲା।

## ବିଭିନ୍ନ ସ୍ଥାନରେ ସରସ୍ୱତୀଙ୍କ ଆରାଧନା

କଣାସ,୨୩।୧(ସମିସ): ଆଜି ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ମହା ଆଡ଼ମ୍ବରରେ କରାଯାଇଛି। କଣାସ ବ୍ଲକ୍‌ର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସମେତ କେତେକ ବ୍ୟବସାୟ ପ୍ରତିଷ୍ଠାନ ଓ କ୍ଲବ୍ ଆଦିରେ ମଧ୍ୟ ମା'ଙ୍କୁ ଆରାଧନା କରାଯାଇଛି। ଛାତ୍ରଛାତ୍ରୀ ପ୍ରଭାତରୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ବିଭିନ୍ନ କିସମର ଫୁଲ, ନଡ଼ିଆ, ଧୂପ, ଦୀପ, ଭୋଗ ଆଦି ଧରି ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟରେ ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣ ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ବିଦ୍ୟାର୍ଥୀ। ସରକାରୀ ସ୍କୁଲ ସମେତ ସରସ୍ୱତୀ ବିଦ୍ୟାମନ୍ଦିର, ବିବେକାନନ୍ଦ ବିଦ୍ୟାନିକେତନ, ଅଙ୍ଗନବାଡ଼ି ଆଦିରେ ଛୋଟ ଛୋଟ ପିଲାମାନେ ଖଡ଼ିଛୁଆଁ ସହ ବିଦ୍ୟାରମ୍ଭ କରିଥିଲେ।

## ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା

ନିମାପଡ଼ା,୨୩।୧(ସମିସ): ନିମାପଡ଼ା ଅଞ୍ଚଳର ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଧୁମ ଧାମରେ ମା ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ନିମାପଡା କଲେଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ଭେଙ୍କେଟଶ୍ୱର ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବଚପନ୍ ସ୍କୁଲ ଆଦି ସରକାରୀ ଓ ଘରୋଇ ଅନୁଷ୍ଠାନ ଗୁଡ଼ିକରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।



### ● ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍

## ଫାଇନାଲରେ ପୁରୀ ପାୟୋନିୟର୍ସ

ସାକ୍ଷୀଗୋପାଳ,୨୩।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଷଷ୍ଠ ଦିନରେ ମଙ୍ଗଳା ସ୍ପୋର୍ଟିଂ, କାକଟପୁର ଓ ପାୟୋନିୟର୍ସ ପୁରୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚର କାକଟପୁର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ କେଜି ପାତ୍ରଙ୍କ ୪୭, ଦୁର୍ଗା ବେହେରାଙ୍କ ୪୨ ରନ ସହାୟତାରେ ୧୪୮ ରନ ସଂଗ୍ରହ କରିଥିଲା କ୍ଷ, ପାୟୋନିୟର୍ସର ମହେଶ ପ୍ରଧାନ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପୁରୀ ଏକାଦଶ ତିନି ଉଇକେଟରେ ୧୫୩ ରନ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଶାନ୍ତ ଶତପଥୀ ଓ ଚନ୍ଦ୍ରମାଧବ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ପାୟୋନିୟର୍ସ ଏକାଦଶର ମୟଙ୍କ ପଟ୍ଟନାୟକଙ୍କୁ ଆକର୍ଷଣୀୟ ୯୩ରନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପଞ୍ଚସଖା ମେମୋରିଆଲ କ୍ଲବର ବରିଷ୍ଠ ସଦସ୍ୟ ଶ୍ରୀପତି ମହାପାତ୍ର ପ୍ରଦାନ କରିଥିଲେ। ରାଧାକ୍ରିଷ୍ଣ ମୁନା ସିଂ ଓ ସୁଦର୍ଶନ ଦାସ ମ୍ୟାଚରଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ ଖେଳାଳୀ ଅଜିତ ନନ୍ଦ ଓ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ଖେଳାଳିଙ୍କ ସହ ପରିଚିତ ହୋଇ ଉତ୍ସାହ ବୃଦ୍ଧି କରିଥିଲେ।

## ମା' ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା



ଚାରିଛକ,୨୩।୧ (ସମିସ): ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଧୁମ ଧାମରେ ମା' ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ସଂଯୋଜନାରେ ଉକ୍ତ ଶିକ୍ଷା ଅନୁଷ୍ଠାନରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୁମଧାମରେ ପୂଜା କାର୍ଯ୍ୟ ହୋଇଥିବା ବେଳେ ଚାରିଛକ ସରସ୍ୱତୀ ଶିଶୁ ମନ୍ଦିର, ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ହାଇସ୍କୁଲ, ଦାମୋଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତମ୍ପାଳ, ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣା, ଅଟେଇହୁଡା ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ,ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ, ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛବାଟିଆ ପ୍ରାଥମିକ ବିଦ୍ୟାଳୟ,ଏବିଏସ ଅକ୍ସୋଫର୍ଡ ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର,ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରମୁଖ ଅନୁଷ୍ଠାନରେ ନୀତି ନିୟମ ଅନୁସାରେ ପୂଜା କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

# ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



କୋଣାର୍କ,୨୩।୧(ସମିସ): ଶୁକ୍ରବାର କୋଣାର୍କ ନିକଟସ୍ଥ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ଦୁଇ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ମାନସ କୁମାର ମୁଦୁଲି ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଗାଥା ବଖାଣିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁଇ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

**କଣାସ:** ଆଜି ସାରାଦେଶରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ ହେଉଥିବାବେଳେ କଣାସ ବ୍ଲକ୍‌ର ପୁରପଲ୍ଲୀରେ ସମସ୍ତ ବିଦ୍ୟାଳୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରେ ନେତାଜୀ ସୁବାଷ ବୋଷଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ସୁଭାଷ ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପଦୀପ ଦେଇ ଛାତ୍ରଛାତ୍ରୀ ପୂଜାର୍ଚ୍ଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁବାସ ଚନ୍ଦ୍ରଙ୍କ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।





**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କର ୨୧୭ତମ ଜନ୍ମ ଜୟନ୍ତୀ ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ମହାପୁରୁଷ ଦ୍ୱୟଙ୍କ ସ୍ମୃତି ଚାରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ମାର୍ଗରେ ପରିଚାଳିତ ହେବା ନିମିତ୍ତ ଉଦ୍‌ବୋଧନ ଦେଇଥିଲେ। ନେତାଜୀଙ୍କ ଅସୀମ ସାହସ, ବୀରତ୍ୱ, ପରାକ୍ରମ ଓ ବୀର ସୁରେନ୍ଦ୍ର ସାଏଙ୍କ ଅତୁଳନୀୟ ତ୍ୟାଗ ଓ ଧୈର୍ଯ୍ୟ ପରବର୍ତ୍ତୀ କାଳରେ ଭାରତର ସ୍ୱାଧୀନତା ପାଇଁ ପଥ ପରିଷ୍କାର କରିଥିଲା ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତି କହିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୩/୧/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୮,୫୫୯/- ସୁନା:୦୧.୨୦୦ ଗ୍ରାମ୍ ରୁପା: ୧୫.୩୦୦ ଗ୍ରାମ୍



### ବସ୍ ଧକ୍କାରେ ବୃଦ୍ଧା ଗୁରୁତର

## ରାସ୍ତା ଅବରୋଧ, ଉତ୍ତେଜନା

**ପୁରୀ,୨୩।୧(ସମିସ):** ପୁରୀ ସହର ଭିତରେ ଦୁର୍ଘଟଣା ଘଟାଇଛି ଯାତ୍ରୀବାହୀ ବସ୍। ଜଣେ ବୃଦ୍ଧାଙ୍କୁ ଧକ୍କା ଦେଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଜଗନ୍ନାଥ ବସ୍। ଏଥିରେ ବୃଦ୍ଧା ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ନବକଳେବର ରୋଡରେ ଏହି ଦୁର୍ଘଟଣା ଘଟିଛି। ତେବେ ବୃଦ୍ଧାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା, ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ନବକବେଳର ରୋଡକୁ ୱାନ୍ ୱେ କରିବା ଏବଂ ଗାଡ଼ିର ବେଗ ନିୟନ୍ତ୍ରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରାଧ କରିଥିଲେ।



ସୂଚନା ଯେ, ଅନୁଗୁଳର ଲକ୍ଷ୍ମୀ ମହାରଣା ନବକଳେବର ରୋଡ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ସେ କୌଣସି କାମରେ ମାଟିଆପଡ଼ା ଛକ ଅଭିମୁଖେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଭୁବନେଶ୍ୱର ଆଡ଼କୁ ଯାଉଥିବା ଜଗନ୍ନାଥ ବସ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଗୋଡ଼ ଉପରେ ବସ୍‌ଟି ଚଢିଥିବାରୁ ମାଂସ ଛିଣ୍ଡି ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଅଟକାଇଥିଲେ। ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ପୁଲିସ ସହ ଟ୍ରାଫିକ, ଟାଉନ ଥାନା ଆଇଆଇସି, ସିଟି ଡିଏସ୍‌ପି, ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ଶୁଣି ନ ଥିଲେ। ନବକଳେବର୍ ରୁଟ୍‌ରେ ସମ୍ପୂର୍ଣ୍ଣ ବସ୍ ଚଳାଚଳ ବନ୍ଦ, ନ ହେବା ଯାଏ ୱାନ ୱେ, ଦୀର୍ଘଦିନ ହେବ ଖାଲଖମା ହୋଇ ମରଣଯନ୍ତାରେ ପରିଣତ ହୋଇଥିବା ନବକଳେବର୍ ରାସ୍ତାର ମରାମତି, ଗୁରୁତର ବୃଦ୍ଧାଙ୍କ ଉପଯୁକ୍ତ ଚିକିତ୍ସା ସହ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି କରି ଦୁର୍ଘଟଣା ଘଟାଇଥିବା ବସ୍ ଆଗରେ ବସିଥିଲେ। କ୍ଲବ ପକ୍ଷରୁ ବୃଦ୍ଧାଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଛି। ନବକଳେବର ରୋଡ୍‌କୁ ୱାନ ୱେ କରାଯିବ ଏବଂ ମରାମତି ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ତାଙ୍କୁ ବେଡ୍ ମିଳିପାରିନାହିଁ। ଏପରିକି ଉତ୍ତମ ଚିକିତ୍ସା ଦେବା ନେଇ କୌଣସି ପଦକ୍ଷେପ ନିଆଯାଇନଥିବା ଆପ୍ ସଭାପତି ସଞ୍ଜୀବ ମହାନ୍ତି ଅଭିଯୋଗ କରିଛନ୍ତି।

## ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରଶାସନର ସମୀକ୍ଷା



**ପୁରୀ, ୨୩।୧ (ସମିସ):** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ପ୍ରଥମ ସପ୍ତାହରେ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରାଦ୍ଧ ଓ ପିଣ୍ଡ ଦାନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ତେବେ ଏ ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ମିଳିନାହିଁ। ମାତ୍ର ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ରଖି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂହଙ୍କ ସହ ବରିଷ୍ଠ ଅଧିକାରୀ ଶ୍ରୀମନ୍ଦିର ଏବଂ ମାର୍କଣ୍ଡେୟ, ସ୍ୱେଚ୍ଛଗଙ୍ଗା ପୁଷ୍କରଣୀ ଗସ୍ତ କରି ସ୍ଥିତିର ସମୀକ୍ଷା କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ମାତ୍ର ଏନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ରାଜ୍ୟସଭା ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ପୁରୀ,୨୩।୧(ସମିସ):** ପବିତ୍ର ବସନ୍ତ ପଞ୍ଚମୀ ତଥା ମା' ସରସ୍ୱତୀଙ୍କ ପୂଜା ଅବସରରେ ଶୁକ୍ରବାର ମେଡିକାଲ ଛକସ୍ଥିତ ବିପଦନାଶନ ମହାବୀରଙ୍କ ପ୍ରାଙ୍ଗଣରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ମାଳିଜାଗା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାଜା ଓ ଶୁଭ ଶଙ୍ଖ ବଜାଇ ଉତ୍ସାହିତ ଯୁବକମାନେ ବାଣ ଫୁଟାଇ ରାଜ୍ୟସଭା ସାଂସଦଙ୍କୁ ପାଛୋଟି ନେଇଥିଲେ। ସାଂସଦ ଶ୍ରୀ ଖୁଣ୍ଟିଆ ବିପଦ ନାଶନ ମହାବୀରଙ୍କ ଦର୍ଶନ ସହ ବ୍ରହ୍ମେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ପରେ ବେଢା ପରିସର ବୁଲି ମା' ସରସ୍ୱତୀ ଓ ଗଣେଶଙ୍କୁ ଦର୍ଶନ କରି କମିଟିର ଶୁଭମନାସୀ ଥିଲେ। କମିଟି ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିରେ ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତିଲତା ପ୍ରଧାନ, କ୍ରୀଡା ସଙ୍ଗଠକ ରବିଶଙ୍କର ପ୍ରତିହାରୀ, ବରିଷ୍ଠ ବିଜେଡି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ପୁଷ୍କର ମହାପାତ୍ର, ବୁଦ୍ଧଦେବ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସଭା ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ମାଳି ଜାଗାର ଯାହା ସବୁ ସମସ୍ୟା ଅଛି ତାର ସମାଧାନ ସହ ଖୁବ୍‌ଶୀଘ୍ର ଉନ୍ନତିକରଣ କରାଯିବ। ସାଂସଦ ପାଣ୍ଠିରୁ ୭ଲକ୍ଷ ଟଙ୍କାରେ କମ୍ୟୁନିଟି ସେଣ୍ଟର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ କମିଟି ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। କମିଟି ସଭାପତି ବ୍ରଜକିଶୋର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାରାୟଣ ଗୋଛିକାର, ରାଜକିଶୋର ନାୟକ, ସୁରେଶ ଚନ୍ଦ୍ର ବାରିକ, ଦାମୋଦର ମହାନ୍ତି, କାଳୁ ପ୍ରଧାନ, ବାପି ପ୍ରଧାନ, ବେଣୁଧର ନାୟକ, ସୁରେନ୍ଦ୍ର ପଲେଇ, ମାନସ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ପାଳିତ

## ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ,୨୩।୧(ସମିସ):** ଶ୍ରୀମନ୍ଦିରରେ ଶୁକ୍ରବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ପାଞ୍ଜି ରଖାଯାଇ ପତନି, ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା। ମଧ୍ୟାହ୍ନ ଧୂପ ବଢିବା ପରେ ପୁଷ୍ପାଳକମାନେ ଶ୍ରୀଜୀଉଙ୍କୁ ଲାଲବର୍ଣ୍ଣର ବସ୍ତ୍ରରେ ବିମଣ୍ଡିତ କରିଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ହେବା ପରେ ଚାଚେରୀ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ନଳୀଭୁଜ, ମକରକୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡିଆଣି ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମମାଳି ଓ ହରଡ଼ ମାଳି ଏବଂ ଦେବୀ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼ଗି ଦ୍ୱାରା ସୁଶୋଭିତା ହୋଇଥିଲେ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ମଧ୍ୟ ଚାଚେରୀ ବେଶ କରାଯାଇଥିଲା। ଏହି ବେଶରେ ମହାପ୍ରଭୁଙ୍କ ନିକଟରେ ପଞ୍ଚୋପଚାରରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ତିନିବାଡ଼ରେ ତିନିଟି ପାତ୍ରରେ ଯଥାକ୍ରମେ ଧଳା, ହଳଦିଆ ଓ ରକ୍ତ ବର୍ଣ୍ଣର ଫଗୁ ରଖାଯାଇ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡାଙ୍କ ଦ୍ୱାରା ସଂସ୍କାର କରାଯାଇଥିଲା। ଏହି ଫଗୁକୁ ଶ୍ରୀଅଙ୍ଗରେ ଲାଗି କରାଯାଇ ତିନି ବାଡ଼ରେ ବନ୍ଦାପନା ବଢିଥିଲା। ଏହାପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଦୋଳଗୋବିନ୍ଦ, ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଲାଗି ହୋଇଥିଲା। ଏହାପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ଜୟ ବିଜୟ ଦ୍ୱାର ପାଖରେ ପୁଣିଥରେ ଫଗୁ ଲାଗି ଓ ବନ୍ଦାପନା କରାଯାଇଥିଲା। ତିନି ଚଳନ୍ତିପ୍ରତିମାଙ୍କୁ ଦୋଳାରେ ବସାଇ ଜଗନ୍ନାଥ ବଲ୍ଲଭ ବେଣ୍ଟ ପୋଖରୀକୁ ବିଜେ କରାଯାଇଥିଲା। ସେଠାରେ ବେଣ୍ଟ ବା ଶିକାର ନୀତି ସମ୍ପନ୍ନ ହେବା ପରେ ଠାକୁର, ଠାକୁରାଣୀ ପ୍ରତ୍ୟାବର୍ତ୍ତନ କରିଥିଲେ।

## ମାଘ ସପ୍ତମୀ ବୁଡ଼ ପାଇଁ ଟ୍ରାଫିକ୍ ମାର୍ଗଦର୍ଶିକା

**ପୁରୀ,୨୩।୧(ସମିସ):** ରଥଯାତ୍ରା ପରେ ଚନ୍ଦ୍ରଭାଗା ମେଳା ପୁରୀ ଜିଲ୍ଲାର ବିପୁଳ ଜନସମାଗମ ହେଉଥିବା ଆଧ୍ୟାତ୍ମିକ ବୁଡ କାର୍ଯ୍ୟକ୍ରମ। ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ଏହି ଆଧ୍ୟାତ୍ମିକ କାର୍ଯ୍ୟ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ କୌଣସି ଜାଗାରେ ଯେପରି ଟ୍ରାଫିକ ସମସ୍ୟା ନ ହେବ ସେଥିଲଗି ଟ୍ରାଫିକ ମାର୍ଗଦର୍ଶିକା ଜାରି କରାଯାଇଛି। ପୁରୀ ପାର୍ଶ୍ୱରୁ ଯାଉଥିବା ପର୍ଯ୍ୟଟକ ବସ୍‌ଗୁଡିକ ରାମଚଣ୍ଡୀ ଥାନା ପଛ ପାଖର୍ ପାର୍କିଂସ୍ଥଳୀରେ ଗାଡି ରଖିବେ। ଭୁବନେଶ୍ୱର ଦିଗରୁ ଆସୁଥିବା ବସ୍‌ଗୁଡ଼ିକ ହେଲିପ୍ୟାଡ ପାର୍କିଂ, ରିଙ୍ଗରୋଡ ପାର୍କିଂ ଓ ଆଇଓସିଏଲ୍ ବସ୍ ପାର୍କିଂରେ ରଖାଯିବ। ପୁରୀରୁ ଯାଉଥିବା ଚାରିଚକିଆ ଓ ତିନିଚକିଆ ଯାନଗୁଡ଼ିକ ରାମଚଣ୍ଡୀ ମନ୍ଦିର ଛକ ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ଉଭୟ ପର୍ଯ୍ୟଟକ ବସ୍ ଏବଂ ଚାରିଚକିଆ ଓ ତିନିଚକିଆର ଉଦ୍ଦିଷ୍ଟ ପାର୍କିଂ ଭର୍ତ୍ତି ହେଲେ ରାମଚଣ୍ଡୀରୁ ପୁରୀ ଦିଗକୁ ରାସ୍ତାର ଗୋଟିଏ ପାଖର୍ରେ ଗାଡି ପାର୍କିଂ କରାଯିବ। ଅସ୍ତରଙ୍ଗ, କାକଟପୁର ଓ କୋଣାର୍କରୁ ପୁରୀ ଆସୁଥିବା ଓ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଗୋପ ବଜାର, ନାଗପୁର, ଛଇତନା ଓ ବାଲିଘାଟ ଦେଇ ଯିବାଆସିବା କରିବେ। ଭୁବନେଶ୍ୱର ପଟୁ ଆସୁଥିବା ଚାରିଚକିଆ ଓ ତିନିଚକିଆ ଯାନଗୁଡ଼ିକୁ ପ୍ରଥମେ ହେଲିପ୍ୟାଡ୍ ପାର୍କିଂରେ ରଖାଯିବ। ସେହି ଜାଗା ଭର୍ତ୍ତି ହେଲେ ଆଇଓସିଏଲ୍ ପର୍ଯ୍ୟଟକ ମାର୍କେଟ ନିକଟସ୍ଥ ପାର୍କିଂରେ ରଖାଯିବ। ଏହା ମଧ୍ୟ ଭର୍ତ୍ତି ହେଲେ ହସ୍ପିଟାଲ ପାର୍କିଂ, ପରେ ମ୍ୟୁଜିୟମ ପାର୍କିଂ ଓ କୋଣାର୍କ କଲେଜ ପଡିଆକୁ ଡାଇଭର୍ଟ କରାଯିବ।

## ଓଲଟା ଆଙ୍କିଲେ ବିଦ୍ୟାଦାତ୍ରୀଙ୍କ ପେଣ୍ଟିଂ

**ପୁରୀ,୨୩।୧(ସମିସ):** ପୁରୀର ଓଲଟା ଦ୍ରୁତଗାମୀ ଚିତ୍ରଶିଳ୍ପୀ ଆୟୁଷ୍ କମହାପାତ୍ର ପବିତ୍ର ସରସ୍ୱତୀ ପୂଜା ଅବସରରେ ବିଦ୍ୟାଦାତ୍ରୀଙ୍କର ଏକ ପେଣ୍ଟିଂ ପ୍ରସ୍ତୁତ କରିଛନ୍ତି। ଏହାକୁ ସେ ଓଲଟା ଭାବେ ଆଙ୍କିଛନ୍ତି। ଆୟୁଷ ୫ ଫୁଟ୍‌ର କାନ୍‌ଭାସରେ ୭ ମିନିଟ୍ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିଛନ୍ତି। ତାଙ୍କର ଏହି ପେଣ୍ଟିଂ ଦ୍ୱାରା କିଭଳି ଯୁବପିଢୀ ଏବଂ ଶିଶୁମାନଙ୍କ ପାଖରେ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିବ ଏହା ତାଙ୍କର ଏକ ଛୋଟିଆ ପ୍ରୟାସ ବୋଲି କହିଛନ୍ତି ଆୟୁଷ। ପୂର୍ବରୁ ଅନେକ ପେଣ୍ଟିଂ ଓଲଟା ଭାବେ ଆଙ୍କି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି ଏହି ଯୁବଶିଳ୍ପୀ।

## ଜୟନ୍ତୀରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



**ପୁରୀ,୨୩।୧(ସମିସ):** ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ସେହିପରି ସୁଭାଷ ବୋଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସର୍ବୋଦୟ ସମିତି ସଭାପତି ଉମା ବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଡ. ବିପିନାନନ୍ଦ ମିଶ୍ର, ବିଷ୍ଣୁଦତ୍ତ ଦାଶ, ନିଳକଣ୍ଠ ମହାରଣା, ସୁକାନ୍ତ ମୁଖୀ, ତିଳକ ରାଜ, ଇଶୁ ଶର୍ମା, ଦର୍ପଣା ଦେବୀ, ମଳୟକାନ୍ତି ଦେ ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ କରିଥିଲେ।

## ସିଂହଦ୍ୱାରରେ 'ଅନୁରାଗ' ଲୋକାର୍ପିତ

**ପୁରୀ,୨୩।୧(ସମିସ):** ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ମୁଖ୍ୟ ସମ୍ପାଦନାରେ ଆଜିକୁ ୫୪ ବର୍ଷ ତଳେ ଶ୍ରୀକ୍ଷେତ୍ର ପୁରୀରୁ ଜନ୍ମ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚେତନାଧର୍ମୀ ପତ୍ରିକା "ଅନୁରାଗ' ପବିତ୍ର ସରସ୍ୱତୀ ପୂଜାରେ ଠାକୁରଙ୍କୁ ସମର୍ପଣ ହୋଇ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଏହି ପତ୍ରିକାକୁ ଶ୍ରୀମନ୍ଦିର ପୁରୋହିତ ତଥା 'ପୁରୀ ବୋଲି'ର ପ୍ରାବନ୍ଧିକ ଡ. ସିଦ୍ଧେଶ୍ୱର ମହାପାତ୍ର ଉନ୍ମୋଚନ କରିଥିବାବେଳେ ରାଜ୍ୟ ପୁରସ୍କାର ପ୍ରାପ୍ତ ଗୀତିକାର ଗାଳ୍ପିକ ବଦ୍ରି ମିଶ୍ର, ସୁଲେଖାର ସମ୍ପାଦକ କବି ସଦାଶିବ ମିଶ୍ର, ଅଭିନନ୍ଦନିକାର ସମ୍ପାଦକ କବି ଶ୍ୟାମ ପ୍ରକାଶ ସେନାପତି, ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର, ଫୋକ୍ ଫେଷ୍ଟ ସମ୍ପାଦକ ରାଜେଶ ମହାନ୍ତି, ବିଶିଷ୍ଟ ସେବାୟତ ରବିନାରାୟଣ ଦାସ, ଗୌରହରି ପ୍ରଧାନ, ଲୋକନାଥ ଖୁଣ୍ଟିଆ ଓ ଯୁବ ସମାଜସେବୀ ଦେବରାଜ ଦାସ ଯୋଗଦେଇଥିଲେ। ଏଥିରେ ଉଦ୍‌ବୋଧନ ଦେଇ ମୁଖ୍ୟ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ୧୯୭୨ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ପତ୍ରିକା, କେବଳ ରାଜନେତା ନୁହେଁ ଅନେକ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସମାଲୋଚକଙ୍କୁ ପ୍ରତିଷ୍ଠିତ କରିଛି। ସାହିତ୍ୟ, ସଂସ୍କୃତି ଓ ସମାଜର ସମୃଦ୍ଧି ଓ ଶୃଙ୍ଖଳା ପାଇଁ ଏହା ପ୍ରତିମାସରେ ପ୍ରକାଶ ପାଇବ।




ସମ୍ପାଦକ ବଦ୍ରି ମିଶ୍ର କହିଥିଲେ ଯେ, ପ୍ରତ୍ୟେକ ଓଡ଼ିଶାବାସୀ ଅନୁରାଗକୁ ଭଲପାଇ, ଈର୍ଷା ଓ ପରଶ୍ରୀକାତରତାଠାରୁ ଦୂରରେ ରହି, ପରସ୍ପର ପ୍ରତି ଅନୁରାଗ ରଖନ୍ତୁ ଯାହା ଆମକୁ ବିକଶିତ କରିବ। ପ୍ରତ୍ୟେକ ଲେଖକ ସେମାନଙ୍କ ଲେଖା ସମ୍ପାଦକ "ଅନୁରାଗ", ଗୁଣ୍ଡିଚା ବିହାର, ସର୍ବୋଦୟ ନଗର ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ପୁରୀ,୨୩।୧(ସମିସ):** କୋଣାର୍କ ନିକଟସ୍ଥ ବାଙ୍ଗୋର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଉତ୍କଳର ପାଞ୍ଚ ଜଣ ମହାପୁରୁଷ ଯଥା ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ବୋଷ, ଉତ୍କଳ ଗୌରବ ମଧୁସୁଦନ, ବ୍ୟାସକବି ଫକୀରମୋହନ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ପୂଜ୍ୟ ପୂଜାର ଏହି ପରମ୍ପରା ପିଲାମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ମହାପୁରୁଷମାନଙ୍କ ଆଦର୍ଶ ଓ ଚରିତ୍ରର ଅଧ୍ୟୟନ ସେମାନଙ୍କୁ ଶୃଙ୍ଖଳିତ କରିବ ବୋଲି କହିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଉପ ସଭାପତି ଅର୍ଜୁନ ପରମ ଗୁରୁ, କୋଷାଧ୍ୟକ୍ଷ ରବି ନାରାୟଣ ମହାନ୍ତି, ଉପଦେଷ୍ଟା ଭଗବାନ ଦାସ ଓ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ।

### ଭିତରଛ ମଧୁସୂଦନଙ୍କ ସ୍ମୃତିରେ ବସନ୍ତ ଉତ୍ସବ

## ସମର୍ପିତ ସେବା ପାଇଁ ଏସ୍‌ପି ପ୍ରତୀକ୍ ସିଂ ସମ୍ବର୍ଦ୍ଧିତ

**ପୁରୀ, ୨୩।୧ (ସମିସ):** ଭିତରଛ ମଧୁସୂଦନ ମହାପାତ୍ରଙ୍କ ସ୍ମୃତିରେ ଶୁକ୍ରବାର ସିଂହଦ୍ୱାରଠାରେ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତଥା ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀତି ପ୍ରଶାସକ ଜୀତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇଥିଲେ। ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ଗଣେଶ ଦାସମହାପାତ୍ର ଓ ମଧୁସୂଦନ ସିଂହାରୀ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ସମେତ ଅନେକ ପ୍ରଶାସକ, ମଠାଧୀଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ସମେତ ଶ୍ରୀମନ୍ଦିରର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଦକ୍ଷ ପ୍ରଶାସନିକ ସେବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା କହିଥିଲେ ଯେ, ସେବା, ସମର୍ପଣ, କର୍ତ୍ତବ୍ୟନିଷ୍ଠା ଓ ଆତ୍ମୀୟତାରେ ଭିତରଛ ମଧୁସୂଦନଙ୍କୁ ଏ ଜାତି ସ୍ମରଣ ରଖିବ। ଏହି ଅବସରରେ ଶ୍ରୀମନ୍ଦିରର ନୀତି ଶୃଙ୍ଖଳା ପାଇଁ ରବିଶଙ୍କର ପୂଜାପଣ୍ଡା ସାମନ୍ତ, ସିଂହାରୀ ଲୋକନାଥ କର, ଗରାବଡୁ ସୂର୍ଯ୍ୟ ନାରାୟଣ ମହାପାତ୍ର, ଭାଗବତ ଓ ସ୍କନ୍ଦ ପୁରାଣର ପ୍ରଚାର ପ୍ରସାର ପାଇଁ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ଓ ଶ୍ରୀମନ୍ଦିର ପଣ୍ଡା ନିଯୋଗର ସଂସ୍କୃତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ର ମଳୟ ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ପ୍ରାତଃ କାଳରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠାନ ପକ୍ଷରୁ ଫଳ ବଣ୍ଟନ, ଖଡ଼ଗପୁର ଆଶ୍ରମ ପକ୍ଷରୁ ନଗର ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭିତରଛ ହରେକୃଷ୍ଣ ପୂଜାପଣ୍ଡା, ବିଶ୍ୱନାଥ ସାମନ୍ତରା, ଡ. ବିଶ୍ୱନାଥ ମିଶ୍ର, ହରିହର ପୂଜାପଣ୍ଡା ସାମନ୍ତ ଓ ଶ୍ୟାମାପ୍ରକାଶ ସେନାପତି ସଂଯୋଜନା ଓ ସଞ୍ଚାଳନ କରିଥିଲେ।



# ଗୁଟ୍‌ଖା ଧରପଗଡ଼ ଭୟ, ସହରର ବହୁ ଦୋକାନ ବନ୍ଦ

ନୟାଗଡ଼,୨୩।୧(ସମିସ)

ନୟାଗଡ଼ ଜିଲ୍ଲାରେ ଅହରହ ବେଆଇନ ଗୁଟଖା କାରବାର ଉପରେ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ ଭୟରେ ଶୁକ୍ରବାର ନୟାଗଡ଼ ସହରର ୯୦ ପ୍ରତିଶତ ପାନ, ଗୁଟଖା ଦୋକାନ ବନ୍ଦ ରହିଛି। ଏନଫୋର୍ସମେଣ୍ଟ ଟିମ୍ ଛୋଟ ବ୍ୟବସାୟୀଙ୍କୁ ଜରିମାନା କରୁଥିବା ବେଳେ ମାଫିଆଙ୍କ ଦେହରେ ହାତ ମାରିପାରୁନାହିଁ। ଜିଲ୍ଲାରେ ଗୁଟଖା, ଖଇନି, ପାନମସଲା ବ୍ୟବସାୟକୁ ଦୁଇଭାଇ ନିୟନ୍ତ୍ରଣ କରୁଥିବା ବେଳେ ଥାନାଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀଙ୍କୁ ମାସିକିଆ ଦେଇ କାରବାର ଚଳାଇ ଆସୁଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଧୀନ ଏନଫୋର୍ସମେଣ୍ଟ ଟିମ୍ ପୁଲିସ ଧରି ଚଢ଼ଉ କରୁଛି। ଅନେକ ପାନ ଦୋକାନୀଙ୍କୁ ଜରିମାନା କରୁଛି। ତେବେ ବେଆଇନ ଗୁଟୁଖା କାରବାର ନେଇ ହେଉଥିବା ଚଢ଼ଉ କେବଳ ଲୋକ ଦେଖାଣିଆ ବୋଲି ଅଭିଯୋଗ ହେଉଛି। ଜିଲ୍ଲାରେ ଦୁଇ ଭାଇଙ୍କ ଦ୍ୱାରା ବେଆଇନ ଗୁଟଖା କାରବାର ହେଉଥିବା ବେଳେ ଏହି ମାଫିଆଙ୍କ ପାଖରେ ନା ପୁଲିସ ପହଞ୍ଚିପାରୁଛି ନା ଖାଦ୍ୟ ସୁରକ୍ଷା ଅଧିକାରୀ।

ଦୀର୍ଘବର୍ଷ ଧରି ଜିଲ୍ଲାରେ ବେଆଇନ ଭାବେ ଗୁଟଖା, ଖଇନି ଓ ଜର୍ଦ୍ଦା ବେପାର କରି ଆସୁଥିବା ଏହି ଦୁଇ ମାଫିଆଙ୍କୁ ସବୁ ଦିଗରେ ସୁରକ୍ଷା ଦିଆଯାଉଛି। ଜିଲ୍ଲାର ଅଧିକାଂଶ ପାନ ଦୋକାନରେ ଗୁଟଖା ବିକ୍ରି ହେଉଥିବା ବେଳେ ଏହାକୁ ଯୋଗାଉଥିବା ମାଫିଆଙ୍କୁ ଧରିବା ବଦଳରେ ଛୋଟ ଦୋକାନୀଙ୍କୁ ଜରିମାନା କରି ଖାଦ୍ୟ ସୁରକ୍ଷା ଅଧିକାରୀ ବାହାବା ନେବାକୁ ଅପଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଛୋଟ ବ୍ୟବସାୟୀଙ୍କ ପେଟକୁ ଲାତ ମାରି ସାଙ୍ଘାତିକ ଖେଳ କରାଯାଉଥିବା ବେଳେ ବଡ଼ ମାଫିଆଙ୍କ ବେଆଇନ କାରବାର ବିରୋଧରେ ଖାଦ୍ୟ ସୁରକ୍ଷା ଅଧିକାରୀ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶ୍ନ ଉଠିଛି। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଧୀନରେ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଖାଦ୍ୟ ସୁରକ୍ଷା ଅଧିକାରୀ ନିଜେ ନିୟନ୍ତ୍ରଣ କରୁଥିବା ବେଳେ ଅନ୍ୟଟି ଏନସିଡି ମ୍ୟାନେଜର ନିୟନ୍ତ୍ରଣ କରୁଛନ୍ତି। ଜିଲ୍ଲାରେ ବେଆଇନ ଗୁଟଖା କାରବାର ଦୁଇ ଭାଇଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବେଳେ ସେମାନଙ୍କ ଦେହରେ ହାତ ମାରିବାକୁ ଏନସିଡି ମ୍ୟାନେଜର କିମ୍ବା ଡ୍ରଗ୍ସ ଇନ୍ସପେକ୍ଟର ସାହସ ଜୁଟାଇ ପାରୁନାହାନ୍ତି। ଫଳରେ ଦୁଇ ଭାଇ ବାହାସ୍ଫୋଟ ମାରିବା ସହ ଗୁଟଖା କାରବାର କରି ଜନତାଙ୍କୁ ଲୁଟ୍ କରିଚାଲିଛନ୍ତି। ମାଫିଆରାଜ୍ ଚଳାଇଛନ୍ତି। ନୟାଗଡ଼ ସଦରଥାନା ଅନ୍ତର୍ଗତ ଖୁଣ୍ଟୁବନ୍ଧ ଗାଁରୁ ହିଁ ଗୁଟଖା, ପାନମସଲା କାରବାର ନିୟନ୍ତ୍ରଣ କରାଯାଉଛି। ଖୁଣ୍ଟୁବନ୍ଧ ଗ୍ରାମରେ ଗୋଦାମ କରାଯାଇ ପୂରା ଜିଲ୍ଲାକୁ ମାଲ୍ ଯୋଗାଇ ଦିଆଯାଉଛି। ସେହିଭଳି ନୟାଗଡ଼ ସହର ଅମରେନ୍ଦ୍ର ବଜାରରେ ମଧ୍ୟ ଏକ ଗୋଦାମ ରହିଛି। ଉକ୍ତ ବଜାର ମଧ୍ୟରେ ୬ଟି ଦୋକାନ ଗୃହରେ ବେଆଇନ ଗୁଟଖା, ଖଇନି ମହଜୁଦ ରଖି କ୍ଷୁଦ୍ର ବ୍ୟବସାୟୀଙ୍କୁ ଯୋଗାଣ ହେଉଛି। ଜିଲ୍ଲାରେ ପ୍ରତ୍ୟେକ ଦିନ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟଖା କାରବାର ହେଉଥିବା ବେଳେ ନାମୀ ଦାମୀ ପାନମସଲା ସହ ଜର୍ଦ୍ଦା ବିକ୍ରି କରାଯାଉଛି। ଏହା ଉପରେ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ଆରମ୍ଭ ହେଲା କଳାବଜାରୀ

ନୟାଗଡ଼ ଜିଲ୍ଲାରେ ବେଆଇନ ଗୁଟଖା, ଖଇନି ଧରପଗଡ଼କୁ ଜୋରଦାର କରାଯାଇଥିବା ବେଳେ ଏବେ ମାଫିଆମାନେ କଳାବଜାରୀ ଆରମ୍ଭ କରିଛନ୍ତି। ଧାର୍ଯ୍ୟ ମୂଲ୍ୟଠାରୁ ଅଧିକରେ ଛୋଟ ଦୋକାନୀଙ୍କୁ ଯୋଗାଣ କରାଯାଉଥିବାରୁ ସିଗାରେଟ୍, ବିଡ଼ି, ପାନମସଲା, ଗୁଟଖା ମୂଲ୍ୟ ବୃଦ୍ଧି ଘଟିଛି। ଗୋଟିଏ ସିଗାରେଟ ୨ରୁ ୫ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ବିକ୍ରି କରାଯାଉଛି। ଫଳରେ ଏହାକୁ ବ୍ୟବହାର କରୁଥିବା ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଯଦି ଗୁଟଖା ବ୍ୟାନ କରିଛନ୍ତି, ତେବେ ପାନମସଲା ପ୍ୟାକେଟ୍ ସହ ଏହି ଜର୍ଦ୍ଦା ପତି ପ୍ୟାକେଟ୍ ଯୋଗାଇ ଗୁଟଖା କାହିଁକି ବଜାରକୁ ଆସୁଛି ବୋଲି ପ୍ରଶ୍ନ କରିଛନ୍ତି। ସରକାର ଚଳାଇବାକୁ ରାଜସ୍ୱ ଅଭାବରୁ ଏଭଳି କାଣ୍ଡ କରାଯାଉଥିବା ଆଲୋଚନା ହେଉଛି।

## ନାବାଳିକାକୁ ଦୁଷ୍କର୍ମ, ୨ ଗିରଫ

ରଣପୁର,୨୩।୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଏନ୍ଏସି ୧୨ନଂ ୱାର୍ଡ ନୂଆଗାଁ-ବେତେରାସାହିର ୪ର୍ଥ ଶ୍ରେଣୀରେ ପାଠ ପଢୁଥିବା ଜଣେ ୯ ବର୍ଷର ନାବାଳିକାକୁ ସେହି ୱାର୍ଡର ଜଣେ ଯୁବକ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନ ସାଢ଼େ ୧ଟା ବେଳେ ଯୁବକ ଜଣକ ନାବାଳିକାଙ୍କୁ ସେହି ସାହିର ୯ମ ଶ୍ରେଣୀରେ ପଢୁଥିବା ଜଣେ ବାଳକ ଜରିଆରେ ଡକାଇ ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପାଖ ବୁଦା ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ଘରକୁ ନ ଫେରିବାରୁ ତାଙ୍କ ମା' ଖୋଜାଖୋଜି କରିଥିଲେ। ନିକଟରେ ଖେଳୁଥିବା ପିଲାଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ସହ ଦୁଷ୍କର୍ମକାରୀ ଯୁବକକୁ ଧରିବାକୁ ପ୍ରୟାସ କରିଥିଲେ। ୨୦ ବର୍ଷୀୟ ଯୁବକ ଜଣକ ମହିଳାଙ୍କୁ ଧକ୍କା ମାରି ଦୌଡ଼ି ପଳାଇ ଯାଇଥିବାବେଳେ ସେ ପିନ୍ଧିଥିବା ଗଞ୍ଜି ମହିଳାଙ୍କ ହାତରେ ରହିଯାଇଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ରଣପୁର ଥାନାରେ ଅଭିଯୋଗ ପରେ ଆଇଆଇସି ଆଶିଷଦେବ ସାହୁଙ୍କ ନେତୃତ୍ୱରେ ତଦନ୍ତ କରାଯାଇଥିଲା। ଶୁକ୍ରବାର ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରାଇଛି।

**ବିସ୍ଫୋରଣରେ ନାବାଳକ ଗୁରୁତର ଘଟଣା**

## ବାଣ ନୁହେଁ, ଫୁଟିଥିଲା ବୋମା

ଓଡ଼ଗାଁ,୨୩।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଗୁମି-କାମ୍ପଲା ରାସ୍ତାର କଲଭର୍ଟ କାନ୍ଥ ଉପରେ ବସିଥିବା ୧୦ମ ଶ୍ରେଣୀ ଛାତ୍ର ଗୁରୁବାର ବୋମା ଫୁଟିବାରୁ ଗୁରୁତର ଆହତ ହୋଇଛନ୍ତି। ତେବେ ବାଣ ଫୁଟିଥିବା ନେଇ ଗତକାଲି ଚର୍ଚ୍ଚା ହୋଇଥିବା ବେଳେ ତାହା ବାଣ ନୁହେଁ, ବୋମା ବୋଲି ଆଜି ସ୍ପଷ୍ଟ ହୋଇଛି। ଏହି ବିସ୍ଫୋରଣରେ ଛାତ୍ରଙ୍କ ବାମହାତ ପାପୁଲି ଭୟଙ୍କର ଭାବେ କ୍ଷତାକ୍ତ ହୋଇଛି। ଆହତ ଛାତ୍ର ହେଲେ ଗୁମି ବୃନ୍ଦାବନ ନିଶଙ୍କଙ୍କ ପୁଅ ତଥା କାପ୍ତାପଲ୍ଲୀ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଡାକ ନିଶଙ୍କ। ଡାକ ସ୍କୁଲରୁ ଫେରି ଜଣେ ସାଙ୍ଗ ସହ କୋଳି ତୋଳିବାକୁ କାମ୍ପଲା ରାସ୍ତାକୁ ଯାଉଥିବା ବେଳେ ଉଠାଣିରେ ହାଲିଆ ହୋଇ କଲଭର୍ଟ କାନ୍ଥ ଉପରେ କିଛି ସମୟ ବସିଥିଲେ। ତାଙ୍କ ସାଙ୍ଗ ସାଇକଲ ନେଇ ଗଛ ପାଖକୁ ଯାଇଥିବା ସମୟରେ ହଠାତ୍ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣାଯିବାରୁ ସେ ଦୌଡ଼ି ଆସି ଡାକଙ୍କ ବାମହାତ ଛିନ୍ନଛତ୍ର ହୋଇ ରକ୍ତାକ୍ତ ହୋଇଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ଏବଂ ବାହାଡ଼ାଖୋଲା ଫାଣ୍ଡି ଅଧିକାରୀ ଦେବରାଜ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରାଥମିକ ତଦନ୍ତରୁ ଏହା ବାଣ ନୁହେଁ ବୋମା ଫୁଟିଥିବା ଜଣାପଡ଼ିଥିଲା। ଫଳରେ ପୁଲିସ ପକ୍ଷରୁ ନୟାଗଡ଼ ଜିଲ୍ଲା ବୋମା ନିଷ୍କ୍ରିୟକାରୀ ଦଳକୁ ଖବର ଦିଆଯାଇଥିଲା। ଶୁକ୍ରବାର ଘଟଣାସ୍ଥଳରୁ ଆଉ ଏକ ଜୀବନ୍ତ ବୋମା ପଡ଼ିଥିବା ସୂଚନା ମିଳିବା ପରେ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମା ଉଦ୍ଧାର କରିବା ପରେ ସୁରକ୍ଷିତ ଭାବେ ନିଷ୍କ୍ରିୟ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି। ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।



- ଜୀବନ୍ତ ବୋମା ଉଦ୍ଧାର
- ପୁଲିସ ପକ୍ଷରୁ ଛାନଭିନ୍

**ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦଘାଟିତ**

## 'ସାମନ୍ତ ମହୋତ୍ସବ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ପର୍ବ'

ଖଣ୍ଡପଡ଼ା,୨୩।୧(ସମିସ)

ଖଣ୍ଡପଡ଼ା ସାମନ୍ତ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ୧୨ମ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଶୁକ୍ରବାର ଉଦଘାଟିତ ହୋଇଛି। ପୂର୍ବାହ୍ନରେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ମହୋତ୍ସବ କମିଟି ସଭାପତି ଗିରିଜା ପ୍ରସାଦ ମିଶ୍ର, ଆବାହକ ବିଧାନଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନାରାୟଣ ଆଚାର୍ଯ୍ୟ, ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ବାବା ବାଲୁଙ୍କେଶ୍ୱରଙ୍କ ପୀଠରୁ ଶତାଧିକ ସଭ୍ୟଙ୍କ ଗହଣରେ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବାଇପାସସ୍ଥିତ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ପରେ ମହୋତ୍ସବ କମିଟି ସଭାପତି ମିଶ୍ରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ସହ ମଞ୍ଚ ଉଦଘାଟନ ହୋଇଥିଲା। ସନ୍ଧ୍ୟା ୭ଟାରେ ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ଟିଭି ଉପସ୍ଥାପିକା ଲୋରିଆ ମହାନ୍ତି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ମହୋତ୍ସବ ଆବାହକ ବିଧାନଚନ୍ଦ୍ର ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କାଉନସିଲର ଦିଗମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାମନ୍ତ ମହୋତ୍ସବ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ପର୍ବ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସଭାକାର୍ଯ୍ୟ ପରେ ଓଡ଼ିଶାର ଷ୍ଟାର୍ କଣ୍ଠଶିଳ୍ପୀ ବର୍ଣ୍ଣାଲି ହୋତା ଏବଂ ସାଥୀ କଳାକାରଙ୍କ ମିଠା ମିଠା ଗୀତରେ ଦର୍ଶକମାନେ ଝୁମିଥିଲେ। ଅନ୍ୟପଟେ ଅପରାହ୍ନ ୫ଟାରୁ ନୃତ୍ୟ ପ୍ରଣାମ, ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ପିସି ଡ୍ୟାନ୍ସ ଏକାଡେମୀ କଳାକାରମାନେ ଓଡ଼ିଶୀ, ଆଧୁନିକ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକଙ୍କ ମନ ମୋହିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସାମନ୍ତ ମହୋତ୍ସବ ବନ୍ଦନାରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। କଳାକାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମହୋତ୍ସବ ପଡ଼ିଆରେ ମିନାବଜାର, ସରକାରୀ ଓ ବେସରକାରୀ ଷ୍ଟଲ ଲାଗିଛି। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଶ୍ରୀ ରଘୁନାଥଜୀଉଙ୍କ ଓଢ଼ଣ ଉଲାଗି



ଓଡ଼ଗାଁ,୨୩।୧(ସମିସ): ଶ୍ରୀ ରଘୁନାଥଜିଉଙ୍କ ମାନବୀୟ ଲୀଳା ଜୀବନଧାରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରକୃତିର ଋତୁଚକ୍ର ପରିବର୍ତ୍ତନ ଅନୁସାରେ ମନୁଷ୍ୟର ଦୈନନ୍ଦିନ ଜୀବନ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଥାଏ। ଶୀତଋତୁର ପ୍ରବେଶରେ ଶୀତ ପ୍ରକୋପରୁ ଶରୀରକୁ ଉଷ୍ମତା ପ୍ରଦାନ ଲାଗି ଓଢ଼ଣ ଷଷ୍ଠୀ ତଥା ପ୍ରାବରଣ ତିଥିରୁ ମାଘଶୁକ୍ଳ ବରଦା ଚତୁର୍ଥୀ ୨ ମାସ ଧରି ଶ୍ରୀଜିଉମାନେ ମୁଖମଣ୍ଡଳ ଛାଡ଼ି ସର୍ବାଙ୍ଗରେ ଶୀତବସ୍ତ୍ର ପରିଧାନ କରିଥାନ୍ତି। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଯୋଗୁଁ ଋତୁ ପରିବର୍ତ୍ତନର ସୂଚନା ଅନୁସାରେ ସରସ୍ୱତୀ ପୂଜା ଶ୍ରୀପଞ୍ଚମୀଠାରୁ ଶ୍ରୀଜିଉମାନେ ପୁନଶ୍ଚ ଶ୍ରଦ୍ଧାଳୁଙ୍କୁ ପୂର୍ଣ୍ଣ ବେଶରେ ଦର୍ଶନ ଦେଇଥାନ୍ତି। ଶୁକ୍ରବାର ଶ୍ରୀପଞ୍ଚମୀରେ ଶ୍ରୀରଘନାଥଜିଉଙ୍କ ଓଢ଼ଣ ଉଲାଗି କରାଯିବା ସହ ପ୍ରଭୁ ପୂର୍ଣ୍ଣ ରୂପରେ ଦର୍ଶନ ଦେଇଛନ୍ତି। ଭୋର ସାଢ଼େ ୪ଟାରେ ମଙ୍ଗଳଆଳତି, ସ୍ନାନ, ଅବକାଶ, ପଞ୍ଚାମୃତ ସ୍ନାନ, ଦର୍ପଣୀସ୍ନାନ, ତଡ଼ପ ଲାଗି, ମଇଲମ, ଖଟଣ ନୀତି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଭାଗବତଜିଉ ପୂଜା, ବଲ୍ଲଭ ନୀତି ସହିତ କର୍ପୁର ଆଳତି, ଖେଚୁଡ଼ି ଧୂପ, ମହାଆଳତି ଓ ଚାମରସେବା ପରେ ଶ୍ରୀଜିଉଙ୍କ ଘୋଡ଼ ଉଲାଗି ନୀତି ଅନୁଷ୍ଠିତ ହୋଇଥିଲା।

## ବୃଦ୍ଧି ପାଉଛି ଗୋ-ଚାଲାଣ, ପୁଲିସ ପ୍ରଶାସନ ନିରବ

### ● ଅନ୍ଧାରଖଣି ଜଙ୍ଗଲରେ ବଦଳୁଛି ଗାଡ଼ି

ନୟାଗଡ଼,୨୩।୧(ସମିସ): ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଗୋ-ଚାଲାଣ ବୃଦ୍ଧି ପାଉଛି। କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାରୁ ଗାଈଗୋରୁଙ୍କୁ ନେଇ ନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧାରଖଣି ଜଙ୍ଗଲରେ ଏକତ୍ରିତ କରାଯାଉଛି। ବିଭିନ୍ନ ସ୍ଥାନରୁ ଛୋଟ ଗାଡ଼ିଗୁଡ଼ିକରେ ଗୋରୁଙ୍କୁ ଆଣି ଉକ୍ତ ଜଙ୍ଗଲରେ ବଡ଼ ଗାଡ଼ିରେ ବୋଝେଇ କରାଯାଉଛି। ସେହି ସ୍ଥାନରୁ ଦଶପଲ୍ଲା, ରେଢ଼ାଖୋଲ ରାସ୍ତା ଦେଇ ସମ୍ବଲପୁର, କଟକ ରାସ୍ତାକୁ ଗାଡ଼ି ବାହାରୁଛି। ନୟାଗଡ଼ ଜିଲ୍ଲା ନୂଆଗାଁ, ଦଶପଲ୍ଲା ଓ ବାଣିଗୋଛା ଥାନାର କିଛି ପୁଲିସ କର୍ମଚାରୀ ଏହି ଗୋ-ଚାଲାଣ ରାକେଟ୍‌କୁ ସହଯୋଗ କରୁଥିବା ଏବଂ ଏଥିପାଇଁ ବେଶ୍ ଭଲ ମାଲ କମାଉଥିବା ଆଲୋଚନା ହେଉଛି।

ଖୋର୍ଦ୍ଧାରୁ ଗୋ-ଚାଲାଣ ରାକେଟ୍ ନିୟନ୍ତ୍ରଣ ହେଉଥିବା ବେଳେ ନୟାଗଡ଼ ଜିଲ୍ଲାର ଅନେକ ବ୍ୟକ୍ତି ଗୋ-ମାଫିଆଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଗୋରୁ ଗାଡ଼ି ଧରିବା ବାହାନାରେ ଏକ ନିର୍ଦ୍ଦିଷ୍ଟ ସଂଗଠନର କିଛି କର୍ମକର୍ତ୍ତା ମଧ୍ୟ ଭିତିରିଆ ସହଯୋଗ କରୁଥିବା ସୂଚନା ରହିଛି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜଙ୍ଗଲ ମଧ୍ୟରୁ ଗୋ-ଚାଲାଣ ପାଇଁ ମାର୍ଗ ପରିଷ୍କାର କରାଯାଉଥିବା ଅଭିଯୋଗ ହେଉଛି। ପ୍ରାଣୀସମ୍ପଦ ବିଭାଗ ଏହି ରାକେଟ୍ ରୋକିବାକୁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ କିଛି ପୁଲିସ କର୍ମଚାରୀଙ୍କ ସହଯୋଗ ରହିଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ମିଳିତ ଭାବେ ରାକେଟ୍ ଉପରୁ ପରଦା ଉଠାଇବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ● ରବୀନ୍ଦ୍ର ସ୍ମାରକୀ କ୍ରିକେଟ

## ଅନ୍ତିମ ଲିଗ୍‌ରେ ବରୁଣେଇ ବିଜୟୀ

କଣ୍ଟିଲୋ,୨୩।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆରେ ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟ ଅନ୍ତିମ ମ୍ୟାଚ ଶୁକ୍ରବାର ଖେଳାଯାଇଛି। କଣ୍ଟିଲୋ ବରୁଣେଇ କ୍ଲବ ଗଣିଆ ଏମସିଏକୁ ୪ ରନରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ୧୬ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ବରୁଣେଇ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୧୩୯ ରନ କରିଥିଲା। ଜବାବରେ ଗଣିଆ ଏମସିଏ କଡ଼ା ସଂଘର୍ଷ ସତ୍ତ୍ୱେ ୧୫.୩ ଓଭରରେ ୧୩୫ ରନ କରି ଅଲ୍ଆଉଟ ହୋଇଯାଇଥିଲା। ବରୁଣେଇ କ୍ଲବର ଶୁଭମ ୩ ଓଭର ବୋଲିଂରେ ମାତ୍ର ୮ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ଚନ୍ଦନ ଦଳେଇ ଓ ନିରଞ୍ଜନ ଦଳେଇ ମ୍ୟାଚ ପରିଚାଳନା କରିଥିଲେ। ଜଗନ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ବେହେରା ସ୍କୋର ସିଟ୍ ପରିଚାଳନା କରିଥିଲେ। ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଖଳିସାହିକୁ ଭେଟିବ କଣ୍ଟିଲୋ ଦେବାଂଶୀ କ୍ଲବ।

## ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

ନୟାଗଡ଼,୨୩।୧(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଗ୍ରାମାଞ୍ଚଳରେ ଧୁମଧାମରେ ପୂଜା ପାଳନ କରାଯାଇଛି।



ଅନେକ ଶିକ୍ଷାନୁଷ୍ଠାନରେ ନୂତନ ଛାତ୍ରଛାତ୍ରୀମାନଙ୍କ ଖଡ଼ିଛୁଆଁ ମଧ୍ୟ ହୋଇଛି।

**ଭାପୁର:** ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ମନ୍ଦିର, ଖଇରଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ ସହ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ, ଯୁବକ ସଂଘରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ଛାତ୍ରଛାତ୍ରୀମାନେ ନୂତନ ଡ୍ରେସ ପିନ୍ଧି ବିଦ୍ୟାଳୟରେ ଆନନ୍ଦ ଉଲ୍ଲାସର ସହ ପୂଜା ପାଳନ କରିଥିଲେ। ଶହ ଶହ କୁନି ଛାତ୍ରଛାତ୍ରୀଙ୍କ ବିଦ୍ୟାରମ୍ଭ (ଖଡ଼ିଛୁଆଁ) ହୋଇଥିଲା।

**ଗଣିଆ:** ଗଣିଆ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟରେ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମହାନଦୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ, ଆରସି ସାମନ୍ତରାୟ ମହାବିଦ୍ୟାଳୟ, ରଘୁନାଥଜୀଉ ମହାବିଦ୍ୟାଳୟ, ବନମାଳୀ ବାରିକି ମହାବିଦ୍ୟାଳୟ, ଗଣିଆ ଶିଶୁ ରାଇଜ, ଅରୋମୀରା କୋଚିଂ ସେଣ୍ଟର, କ୍ଲବ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ସୁନ୍ଦର ସାଜସଜ୍ଜା କରିଥିଲେ। ବଡ଼ ତୋରଣ ସାଙ୍ଗକୁ ସୁଉଚ୍ଚ ମୂର୍ତ୍ତି ପୂଜା ମଣ୍ଡପର ଆକର୍ଷଣ ବଢ଼ାଇଥିଲା। ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ କରି ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ପରିସରରେ ହୋମଯଜ୍ଞ, ପୁଷ୍ପାଞ୍ଜଳି ଆଦି ଅନୁଷ୍ଠିତ ହୋଇଥିଲା। ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚପିଗଲା କି ବ୍ୟାଟେରି ଗାଡ଼ିକିଣା ଅନିୟମିତତା

### ● ଦିଶା ବୈଠକରେ ଉପସ୍ଥାପନ ହେବ ରିପୋର୍ଟ  ● ଭିଜିଲାନ୍ସ ତଦନ୍ତ ଦାବି କଲେଣି ଜନପ୍ରତିନିଧି

ନୟାଗଡ଼,୨୩।୧(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଅଳିଆ ଉଠାଇବା ପାଇଁ ବ୍ୟାଟେରି ଚାଳିତ ଯାନ କିଣାରେ ବ୍ୟାପକ କେଳେଙ୍କାରୀ କରାଯାଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଲଗାତର ଖବର ପ୍ରକାଶ ପାଇବା ପରେ ଗତ ଦିଶା ବୈଠକରେ ଏ ନେଇ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦିଶା ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ସିଡିଓଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ।

ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାଟେରି ଗାଡ଼ିକିଣାରେ ସାଂଘାତିକ କେଳେଙ୍କାରୀ କରାଯାଇଛି। ରିୟା ଏଣ୍ଟରପ୍ରାଇଜେସ୍ ନାମକ ସଂସ୍ଥାଠାରୁ ବିଭିନ୍ନ ବ୍ଲକ ପ୍ରଶାସନ ତିନିଗୁଣ ଅଧିକ ଦରରେ ଗାଡ଼ି କିଣିଛନ୍ତି। ଗାଡ଼ିର ବଜାର ଦର ୯୫ ହଜାରରୁ ୧ ଲକ୍ଷ ୧୦ ହଜାର ମଧ୍ୟରେ ହୋଇଥିବା ବେଳେ ଏହି ଗାଡ଼ିଗୁଡ଼ିକୁ ୨ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ କିଣାଯାଇଛି। ଗାଡ଼ିଗୁଡ଼ିକ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ପଡ଼ି ରହିଛି। ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରରୋଚନାରେ ବିଡିଓମାନେ ଏହି କେଳେଙ୍କାରୀ କରିଥିବା ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଦେଖାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ବିକାଶ ମଞ୍ଚ ପକ୍ଷରୁ ସେ ସମୟରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। କେଳେଙ୍କାରୀରେ ସାମିଲ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଉକ୍ତ ସଂସ୍ଥାଠାରୁ ବାଟମାରଣା ହୋଇଥିବା ଅର୍ଥ ଆଦାୟ କରିବାକୁ ଦାବି ହୋଇଥିଲା। ଘଟଣାର ତଦନ୍ତ ଦାବି କରାଯାଇଥିଲା। ବିକାଶ ମଞ୍ଚ ସଭାପତି ବସନ୍ତ ପଟ୍ଟନାୟକ, ତ୍ରିନାଥ ସାହୁ, ବୃନ୍ଦାବନ ପ୍ରଧାନ, ବସନ୍ତ ନାୟକ, ପ୍ରଶାନ୍ତ ଜେନା, ପ୍ରଫୁଲ୍ଲ ଖୁଣ୍ଟିଆ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ତେବେ ଏହି ଦାବି ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ ବିଭିନ୍ନ ବ୍ଲକରେ ବ୍ୟାଟେରି ଚାଳିତ ଆବର୍ଜନା ବୁହା ଗାଡ଼ିକିଣା ପ୍ରସଙ୍ଗ ଉଠାଇ ସେଗୁଡ଼ିକ ଅଚଳ ହୋଇଯାଉଥିବା କହିଥିଲେ। ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିବା ବେଳେ ବରିଷ୍ଠ ସଭ୍ୟ ରାମେଶ୍ୱର ଶତପଥୀ ଏହାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ବ୍ଲକ ପ୍ରଶାସନ ଦ୍ୱାରା ବ୍ୟାଟେରି ଗାଡ଼ିଗୁଡ଼ିକ ଅଧିକ ମୂଲ୍ୟରେ କିଣାଯାଇଥିବା ସେ କହିଥିଲେ। ଏହା ଉପରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ସିଡିଓଙ୍କୁ ଦିଶା କମିଟି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ସିଡିଓ ସଠିକ ଭାବେ ଏନେଇ ତଥ୍ୟ ଉପସ୍ଥାପନ ନ କରିବାରୁ ଆଗାମୀ ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ପଦ୍ଧତିରେ ଗାଡ଼ିଗୁଡ଼ିକ କିଣାଯାଇଛି, ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କି ବ୍ୟବସ୍ଥା ହୋଇଛି ତାହାର ରିପୋର୍ଟ ଦିଶା କମିଟିକୁ ପ୍ରଦାନ କରିବାକୁ କୁହାଯାଇଥିଲା।




ଗତ ଅକ୍ଟୋବର ୨୪ରେ ବୈଠକ ହୋଇଥିବା ବେଳେ ପରବର୍ତ୍ତୀ ବୈଠକରେ ରିର୍ପୋଟ ଉପସ୍ଥାପନ କରାଯିବ ବୋଲି ସିଡିଓ ଲଗ୍ନଜିତ ରାଉତ ସୂଚନା ଦେଇଛନ୍ତି। ସବୁ ବିଡିଓଙ୍କଠାରୁ ରିର୍ପୋଟ ସଂଗ୍ରହ କରାଯାଇଛି। ଆଗାମୀ ଦିଶା ବୈଠକରେ ତାହାକୁ ଉପସ୍ଥାପନ କରାଯିବ ବୋଲି ସିଡିଓ କହିଛନ୍ତି। ଜିଲ୍ଲାର ଶତାଧିକ ପଞ୍ଚାୟତ ପାଇଁ ଏହି ଗାଡ଼ି କିଣାଯାଇଛି। ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ ବ୍ଲକର ଅନେକ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଛି। ଏହି ଗାଡ଼ିକିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ୭୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ସିଏଫସି ପାଣ୍ଠିରୁ ୩୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଛି। ଗାଡ଼ିଗୁଡ଼ିକୁ ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମଧ୍ୟସ୍ଥତାରେ କିଣାଯାଇଛି। ଏହି ବ୍ୟକ୍ତି ଜିଲ୍ଲା ପରିଷଦର ଜଣେ ବରିଷ୍ଠ ଅଧିକାରୀ ଏବଂ କିଛି ରାଜନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କେଳେଙ୍କାରୀ କରିବାରେ ସମର୍ଥ ହୋଇଛନ୍ତି। ଏହି ଗାଡ଼ି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ପ୍ରାୟ ଦୁଇକୋଟି ଟଙ୍କାର କେଳେଙ୍କାରୀ ହୋଇଥିବା ସନ୍ଦେହ କରାଯାଉଛି। ଅନେକ ଜନପ୍ରତିନିଧି ଏହି କେଳେଙ୍କାରୀକୁ ନେଇ କ୍ଷୁବ୍ଧ ହୋଇଛନ୍ତି। ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

## ଦୁଇ ପରିବାର ମାର୍‌ପିଟ; ୬ ଆହତ

ନିରାକାରପୁର, ୨୩ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୁ ପଞ୍ଚାୟତ ଆସେଲି ଗ୍ରାମରେ ଆଜି ସନ୍ଧ୍ୟାରେ ଜମିବାଡ଼ିକୁ କେନ୍ଦ୍ର କରି ଦୁଇଟି ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ ପକ୍ଷ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ଉଭୟ ପକ୍ଷରୁ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଗୋଟିଏ ପକ୍ଷର ୩ ଜଣ ଟାଙ୍ଗୀ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଉଭୟ ପଟୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ବାଣପୁର, ୨୩ା୧(ସମିସ): ନେହରୁ ସେବା ସଂଘ ବାଣପୁର ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୯ ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କର ୨୧୮ ତମ ଜୟନ୍ତୀ ଶୁକ୍ରବାରରେ ପାଳିତ ହୋଇଯାଇଛି। ସଂଘର ସମ୍ପାଦିକା ସରୋଜିନୀ ଦାଶ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ନଗରପାଳ ଓ ସଂଘର କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରୀତି ସମ୍ପର୍କରେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଆଲୋକପାତ କରିଥିଲେ। ସେବା ସଂଘର ସଦସ୍ୟ ପ୍ରଦୀପ ଦାସ ପ୍ରାରମ୍ଭିକ ସୂଚନା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବୀରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ନିଖୋଜ ନାବାଳକ ଗଞ୍ଜାମରୁ ଉଦ୍ଧାର

ବାଲୁଗାଁ, ୨୩।୧(ସମିସ) : ମଧ୍ୟପ୍ରଦେଶରୁ ବାଲୁଗାଁ ଚିଲିକା ବୁଲିବାକୁ ଆସିଥିବା ଗୋଟିଏ ପରିବାର ସଦସ୍ୟଙ୍କ ମଧ୍ୟରୁ ଜଣେ ନାବାଳକ ପ୍ରାୟ ୩ ମାସ ପୂର୍ବେ କେଉଁଆଡେ ନିଖୋଜ ହୋଇ ଯାଇଥିଲେ। ଏ ନେଇ ଉକ୍ତ ପରିବାର ପକ୍ଷରୁ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡ଼ିଆଳି ଛକରୁ ନିଖୋଜ ନାବାଳକଙ୍କୁ ବାଲୁଗାଁ ପୁଲିସ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମଧ୍ୟପ୍ରଦେଶର ଭୋପାଳ ଜିଲ୍ଲା ବିଲଖାରିଆ ଆଦମପୁର ଅଞ୍ଚଳର ସୁରେଶ ନାୟକ ସପରିବାର ଗତ ୨୦୨୫ ଅକ୍ଟୋବର ୨୪ରେ ଚିଲିକା ବୁଲିବାକୁ ଆସିଥିଲେ। ସମସ୍ତେ ବାଲୁଗାଁ ଆସି ଚିଲିକାକୂଳ ଧର୍ମଶାଳାରେ ରହିଥିଲେ। ତେବେ ସେଠାରୁ ଉକ୍ତ ପରିବାରର ଜଣେ ୧୨ବର୍ଷର ପୁଅ କାହ୍ନା ନାୟକ ହଠାତ୍ କେଉଁ ଆଡ଼େ ନିଖୋଜ ହୋଇ ଯାଇଥିଲେ। ବହୁ ଖୋଜାଖୋଜି କରି ନପାଇ ଶେଷରେ ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ତେବେ କାହ୍ନାକୁ ବାଲୁଗାଁ ପୁଲିସ ଉଦ୍ଧାର କରିବା ପରେ ଜଣାଯାଇଛି ଯେ, କାହ୍ନା ବାଲୁଗାଁରୁ ଟ୍ରେନ୍ ଯୋଗେ ଭୋପାଳସ୍ଥିତ ନିଜ ମାମୁଁ ଘରକୁ ଚାଲିଯାଇ ଥିବା ବେଳେ ସେଠାରେ ୨ଦିନ ରହି ଗଞ୍ଜାମ ଆସି ସେଠାରୁ ପୁଣି କବିସୂର୍ଯ୍ୟନଗର ପଳାଇ ଯାଇଥିଲା। ଏପରିସ୍ଥଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲୁଗାଁ ପୁଲିସର ଏକ ଟିମ୍ ସେଠାରେ ପହଞ୍ଚି କାହ୍ନୁଙ୍କୁ ଉଦ୍ଧାର କରିବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

## ଗଞ୍ଜେଇ ବୋଝେଇ ସ୍କର୍ପିଓ ଜବତ, ଦୁଇ ଗିରଫ

ଖୋର୍ଦ୍ଧା, ୨୩ା୧(ସମିସ): ଗତକାଲି ଅପରାହ୍ନରେ ୫୭ନଂ ଜାତୀୟ ରାଜପଥ ର ବରହମପୁରା ଛକ ଠାରେ ଚଢଉ କରି ଏକ ସ୍କର୍ପିଓରୁ ବୋଲଗଡ଼ ପୁଲିସ ୪୧କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କନ୍ଧମାଳର ସୁକାନ୍ତ ବିନ୍ଧାଣି (୩୨) ଓ ଅଜିତ୍ ଦିଗଲ (୩୨)। କନ୍ଧମାଳ ଦିଗରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କର୍ପିଓ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସ ବିଶେଷସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଆଶାମାରିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ଏହି ଟିମ୍ ଗତକାଲି ଅପରାହ୍ନରେ ବରହମପୁରା ଛକ ଠାରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ସ୍କର୍ପିଓ ଉପରେ ପୁଲିସର ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଗାଡି ଭିତରେ ଦୁଇଟି ଜରିବସ୍ତାରେ ରହିଥିବା ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା। ଏଥିସହିତ ଚାଲାଣରେ ବ୍ୟବହୃତ ସ୍କର୍ପିଓ ଏବଂ ୨ଟି ମୋବାଇଲ ଫୋନ୍ କୁ ମଧ୍ୟ ପୁଲିସ ଜବତ କରିଛି। ଜବତ ଗଞ୍ଜେଇ ର ମୂଲ୍ୟ ୪ଲକ୍ଷ ୧୦ହଜାର ହେବ ବୋଲି ଥାନା ଅଧିକାରୀ ଶ୍ରୀ ଦଳେଇ ସୂଚନା ଦେଇଛନ୍ତି। ତେବେ ଏସ୍‌ଆଇ ଡୁଙ୍ଗଡୁଙ୍ଗ ଙ୍କ ଅଭିଯୋଗ କ୍ରମେ ପୁଲିସ ୨୬/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ନେତାଜୀଙ୍କ ଜୀବନ ଦର୍ଶନ ଆଲୋଚନା

ଟାଙ୍ଗୀ, ୨୩ା୧(ସମିସ): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ପ୍ରଭୁ ଶ୍ରୀ ବଳରାମଦେବ ପୀଠରେ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ୧୨୯ ତମ ଜୟନ୍ତି ଅବସରରେ ତାଙ୍କର ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପସଭାପତି ଡ. ଚନ୍ଦ୍ର ଶେଖର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ରମେଶ କୁମାର ବଳବନ୍ତ ରାୟ, ଉମେଶ ପ୍ରସାଦ ଧଳ, ବଡପାରୀ କମିଟି ସଭାପତି ବିଚ୍ଛେଦ ଜୟ ସିଂ, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର, ସାମ୍ବାଦିକ ରବୀନ୍ଦ୍ର ନାୟକ, ଦୁର୍ଗା ଚରଣ ପାତ୍ର, ବିଦ୍ୟାଧର ମୁଦୁଲି, ସୁକାନ୍ତି ଦେଇ ପ୍ରମୁଖ ଭାଗନେଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିବାସହ ତାଙ୍କ ମୃତ୍ୟୁର ରହସ୍ୟ ସାର୍ବଜନୀନ କରିବା ପାଇଁ ଦାବି ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ବିଜୟ କୁମାର ରାଉତ ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ରଣା ଧନ୍ୟବାଦ ପ୍ରଦାନ କରିଥିଲେ।

## ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନିରାକାରପୁର, ୨୩ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ସ୍ଥିତ ମା ବଘେଇ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୨୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଆଜି ନୂତନ ବିଗ୍ରହଙ୍କ ସ୍ଥାପନ ହେବ ସହିତ ମନ୍ଦିର ପ୍ରତିଷ୍ଠା ଶେଷ ହୋଇଛି। ବହୁ ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ରହି ଠାକୁରାଣୀଙ୍କ ଆଶିଷ ଲାଭ କରିଥିଲେ। ମା ବଘେଇ ମନ୍ଦିର ପରିଚାଳନା ମଣ୍ଡଳୀ ଓ ଜଂକିଆ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ପୂଜା ପାଇଲେ ବିଦ୍ୟାଦାୟିନୀ ମା' ସରସ୍ୱତୀ







ଖୋର୍ଦ୍ଧା, ୨୩ା୧(ସମିସ)

ବିଦ୍ୟାଦାୟିନୀ, ବୃଦ୍ଧି, କଳା ଓ ପ୍ରଯୁକ୍ତି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀଙ୍କ ଧରାପୃଷ୍ଠକୁ ଆଗମନ ବିଶ୍ୱାସ ଥିବାରୁ ପଲ୍ଲୀଠାରୁ ସହର ଯାଏଁ ଉତ୍ସବ ମୁଖର ଦେଖାଯାଇଛି। ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ମା'ସରସ୍ୱତୀଙ୍କ ପୂଜା ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍କଣ୍ଠା ଦେଖାଯାଇଛି। ସକାଳୁ ସକାଳୁ ନିତ୍ୟକର୍ମ ସାରିବା ପରେ ନୂତନ ପୋଷାକ ଓ ଭୋଗ, ଧୂପ, ଦୀପଧରି ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀ ପହଁଚି ଥିଲେ। ଶିକ୍ଷାନୁଷ୍ଠାନମାନଙ୍କରେ ପୂଜାର୍ଚ୍ଚନା କରାଯାଇଥିଲା। ଭଗବତୀ ଭାରତୀ ଦେବୀ ନମସ୍ତେ ମନ୍ତ୍ର ଉଚ୍ଚାରଣ କେତେକ ପୂଜାମଣ୍ଡପ ଏବଂ ଶିକ୍ଷାନୁଷ୍ଠାନ ଗୁଡିକରୁ ଭାସି ଆସିଥିଲା। ଧୂପ, ଦୀପ, ହୋମଯଜ୍ଞରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଛାତ୍ରଛାତ୍ରୀମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ବିଦ୍ୟାର ଭଣ୍ଡାର ଖୋଲିବା ନେଇ କାମନା କରିଥିବା ଦେଖାଯାଇଛି। ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ପୂଜା କମିଟି ଓ କ୍ଲବ ତରଫରୁ ମା'ସରସ୍ୱତୀଙ୍କ ଆବାହନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ, ପ୍ରାକ୍ଟିସିଂ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିଗମା ପବ୍ଲିକ୍ ସ୍କୁଲ, ବିଣାପାଣୀ ଶିଶୁମନ୍ଦିର ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମା'ଙ୍କ ଆରାଧନା କରାଯାଇଛି। ଆଜି ବର୍ଷକର ଏକ ଶୁଭଦିନ ହୋଇଥିବାରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ତାଙ୍କର ଶୁଭ ଅନୁକୂଳ କରିଥିବା ଦେଖାଯାଇଛି।





## ବାଲୁଗାଁ ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ବାଲୁଗାଁ, ୨୩।୧(ସମିସ) : ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠାତା ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ଅବସରରେ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ଯୁବ ରେଡ଼କ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବୀ ଚରଣ ପରିଡ଼ା, ଏନସିସି ପକ୍ଷରୁ ଅଧ୍ୟାପିକା ଝରଣା ନାଥ, ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ ପରିସରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନେତାଜୀଙ୍କ ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଆଦ୍ୟାଶା ଜେନା, ଲଭଲି ସ୍ୱାଇଁ, ଜ୍ୟୋସ୍ନାରାଣୀ ସାହୁ, ପୁଷ୍ପାଞ୍ଜଳି ବିଶ୍ୱାଳ, ମିନାକ୍ଷୀ ସ୍ୱାଇଁ, ପ୍ରଦ୍ୟୁମ୍ନ ପାତ୍ର ନେତାଜୀଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ମତପୋଷଣ କରିଥିଲେ।




## ମା' ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା, ୨୩ା୧(ସମିସ): ଖୋର୍ଦ୍ଧା ଉପକଣ୍ଠ ଉଇଲକିସନ ନଗର (ସାହେବ ନୂଆଗାଁ) ଖେଳପଡ଼ିଆ ଠାରେ ମା ଅଁଳେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୬ତମ ମା'ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଆଜିର ପ୍ରଥମ ମ୍ୟାଚରେ ଯାଆଁଳା ଦଳ ପାନବରଜ ଦଳ କୁ ୭ ୱିକେଟରେ ପରାସ୍ତ କରିଛି। ଟସ ଜିତି ପାନବରଜ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪ ଓଭରରେ ୮ ୱିକେଟ ହରାଇ ୮୪ରନ୍ ସଂଗ୍ରହ କରିଥିଲା। ଜବାବ ରେ ଯାଆଁଳା ଦଳ ୭ ଓଭର ରେ ଆବଶ୍ୟକ ୮୫ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଯାଆଁଳା ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୧୭ ରନ କରି ୨ଟି ସଫଳତା ପାଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ କୁରାଢ଼ମଲ୍ଲ ଏବଂ ସାରୁଅ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁରାଢ଼ମଲ୍ଲ ଦଳ ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୧୩ଓଭର ରୁ ୭ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ତିରୁପତି ସାମନ୍ତରାୟ ୮୩ରନ୍ ସଂଗ୍ରହ କରିଥିଲେ। ଜବାବରେ ସାରୁଅ ଦଳ ନିର୍ଦ୍ଧାରିତ ଓଭର ରୁ ହରାଇ ୧୧୫ ରନ୍ ସଂଗ୍ରହ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ତିରୁପତି ସାମନ୍ତରାୟ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ଅତିଥି ରୂପେ ଗ୍ରାମର ଶରତ କୁମାର ସାହୁ, କବିରାଜ ପ୍ରଧାନ, ଜୀବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଖେଳକୁ ଚନ୍ଦ୍ରକାନ୍ତ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ରିତେଶ ସ୍ୱାଇଁ ପରିଚାଳନା କରୁଥିବା ବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ରାଜୀବ ବିଶ୍ୱାଳ ରହିଥିଲେ। ସେହିପରି ଭାଷ୍ୟକାର ଭାବରେ ପ୍ରଶାନ୍ତ ନାଟୁଆ ଓ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟ କରିଥିଲେ। ସାଗର ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

## ଶ୍ରୀ ରାଧାଗୋବିନ୍ଦ ମହୋତ୍ସବ ଉଦ୍‌ଯାପିତ

ନିରାକାରପୁର/ଭୂଷଣ୍ଡପୁର, ୨୩ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ସ୍ଥିତ ଜେବିଜି (ଝାଟିନୁଆଗାଁ, ବାଲିପାଟପୁରୁ, ଗୋବର୍ଦ୍ଧନପୁର) କଲୋନୀ ଠାରେ ଗ୍ରାମ୍ୟ କମିଟି ଦ୍ୱାରା ଶ୍ରୀ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ଶ୍ରୀ ରାଧାଗୋବିନ୍ଦ ମହୋତ୍ସବର ଆଜିର ଅନ୍ତିମ ଦିବସରେ ମୁଖ୍ୟ ଉପଦେଷ୍ଟା ଡ. ସଞ୍ଜୟ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ପ୍ରବଚନ ପ୍ରଦାନ ସହିତ କଲିକତାର ଗାୟିକା ମୌସୁମୀଙ୍କ ଦ୍ୱାରା ପରିବେଷିତ ଭଜନ ଜଣାଣ ଉପସ୍ଥିତ ଜନସାଧାରଣଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତିମୟ ପରିବେଶରେ ବାନ୍ଧି ରଖିଥିଲା। ଅନ୍ତିମ ଦିବସରେ ଠାକୁର ନଗର ପରିଭ୍ରମଣ କରିବା ସହିତ ସିଂହାସନ ଆରୋହଣ କରିଥିଲେ। ଏହି ଅବସରରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ଅନୁଷ୍ଠାନର ସଭାପତି ସୁଦିପ୍ତ ମଣ୍ଡଳ, ଉପସଭାପତି ତାପସ ମଣ୍ଡଳ, ଉତ୍ତମ ଦାସ, ବିଶ୍ୱନାଥ ଦାସ, ଶିବପ୍ରସାଦ ବଡ଼ଜେନା, ବାଇଧର ମହାରଣା, ତାର ପଟ୍ଟନାୟକ, କାହ୍ନୁ ପ୍ରସାଦ ପରିଡ଼ା, ନିର୍ମଳ ଜାଣି, ଅଶୋକ ସାନା, ବଳରାମ ଦାସ, ଅଶ୍ୱନି ମଣ୍ଡଳଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୂଷଣ୍ଡପୁରରେ ରଥକାଠ ଅନୁକୂଳ

ଭୂଷଣ୍ଡପୁର, ୨୩ା୧(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁରର ଦୋଳପଡ଼ିଆ ଠାରେ ଆଜି ରଥ କାଠ ଅନୁକୂଳ ହୋଇଯାଇଛି। ପବିତ୍ର ଶ୍ରୀ ପଞ୍ଚମୀ ତିଥିରେ ଏଠାରେ ଦୀର୍ଘ ବାର ବର୍ଷ ଧରି ଅନୁଷ୍ଠିତ ହେଉଥିବା ଦାରୁବ୍ରହ୍ମ ରଥଯାତ୍ରାର ରଥ କାଠ ବେଦଜ୍ଞ ବ୍ରାହ୍ମଣ ଙ୍କ ଦ୍ୱାରା ଅନୁକଳ ହୋଇଯାଇଛି। ଗାଁ ଜଗନ୍ନାଥ ମନ୍ଦିରରୁ ଆଜ୍ଞା ମାଳ ଆସିବା ପରେ ସଂକ୍ରିତନ, ହରିବୋଲ, ହୁଳହୁଳି ସହିତ କାଠ ଅନୁକୂଳ ପର୍ବ ସମାପନ ହୋଇଯାଇଛି। ଆଜିର ସମାବେଶରେ ରଥ କମିଟର ମୁଖ୍ୟ ଆବାହକ ବିଜୟ ବାବାଙ୍କ ସହିତ କମିଟର ସଭ୍ୟ ତ୍ରିନାଥ ସେଠି, ବୈକୁଣ୍ଠ ବେହେରା, ଟ୍ରଷ୍ଟ ସଭାପତି ସନ୍ତୋପ ପାତ୍ର, ପୂର୍ବତନ ସରପଞ୍ଚ ନବକିଶୋର ନାୟକ, ପ୍ରଶାନ୍ତ ସାହୁ, ଲଡୁ କିଶୋର ସ୍ୱାଇଁ, ଦେବେନ୍ଦ୍ର ବେହେରା ବିରଞ୍ଚି ନାରାୟଣ ପ୍ରଧାନ, ଜିଲ୍ଲା ପରିଷଦଙ୍କ ପ୍ରତିନଧି ଧୀରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତଥିଲେ।



● ଷ୍ଟେସନରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଫୁଟ୍ ଓଭରବ୍ରିଜ୍ ଚଢ଼ି ତଳକୁ ଡେଇଁବାକୁ ଉଦ୍ୟମ

ଜଟଣୀ, ୨୩ା୧(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଷ୍ଟେସନ୍ ପରିସରରେ ଥିବା ଫୁଟ୍ ଓଭରବ୍ରିଜ୍ ଟପ୍ ଉପରେ ଚଢ଼ି ଜଣେ ଯୁବକ ତଳକୁ ଡେଇଁବାକୁ ଉଦ୍ୟମ କରିଥିଲେ। ଖବର ପାଇ ଜଟଣୀ ଅଗ୍ନିଶମ ବିଭାଗ କର୍ମଚାରୀ, ଆରପିଏଫ୍ ଓ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ତଳକୁ ଆଣିବାକୁ ନାକେଦମ୍ ହୋଇଥିଲେ। ଯୁବକ ଜଣଙ୍କ ହେଲେ ଝାଡ଼ଖଣ୍ଡ ରାଜ୍ୟର ସଞ୍ଜୀବ ଟୁଡୁ। ସେ ଜଣେ ମାନସୀକ ବିକାରଗ୍ରସ୍ତ ବ୍ୟକ୍ତି ବୋଲି ଜଣାପଡ଼ିଛି। ଘଟଣାନୁଯାୟୀ, ଆଜି ସକାଳେ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜର ଟପ୍ ଉପରେ ଯୁବକ ଜଣଙ୍କ ଚଢ଼ି ଯାଇଥିଲେ। ଟପ୍ ଉପରେ ଚଢ଼ି ଚଲା ବୁଲା କରିଥିଲେ। ଖବରପାଇ ସଙ୍ଗେ ସଙ୍ଗେ ଅଗ୍ନିଶମ କର୍ମଚାରୀ ଓ ପୁଲିସ ପହଞ୍ଚି ଯୁବକଙ୍କୁ ତଳକୁ ଓହ୍ଲାଇବାକୁ କହିଥିଲେ। ହେଲେ ସେ ଓହ୍ଲାଇବକୁ ରାଜି ହୋଇନଥିଲେ। ତଳକୁ ଡେଇଁବାକୁ ଭୟଭୀତ କରାଇଥିଲେ। ଦୀର୍ଘ ସମୟଧରି ଏଭଳି ନାକେଦମ୍ କରିବା ପରେ ପୁଲିସ ଉପରକୁ ଚଢ଼ି ଯୁବକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ।



# ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟବଲ ଉଦ୍‌ଘାଟିତ

ବୋଲଗଡ଼, ୨୩ା୧ (ସମିସ)



ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ତୁଳସୀ ବେରଣା ଖେଳ ପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆଞ୍ଚଳିକ କପ -୨୦୨୬ କମିଟି ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଭଞ୍ଜନଗର ଫୁଟବଲ ଏକାଡେମୀ ଏବଂ ବିହାର ରାଜ୍ୟ ବକ୍ସାର ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଭଞ୍ଜନଗର ୩-୧ଗୋଲରେ ବିହାରର ମା କାମାକ୍ଷା କ୍ଲବ କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ରେଫରୀ ଭାବେ ସଖାବତ ଅଲ୍ଲୀ ଖାଁ ଖେଳ ପରିଚାଳନା କରିଥିଲେ। ଲାଇନରେ ବିଜୟ କୁମାର ମଙ୍ଗରାଜ, ପ୍ରଫୁଲ୍ଲ କୁମର ବେହେରା ସହାୟତା କରିଥିବା ବେଳେ ଚତୁର୍ଥ ରେଫରୀ ଭାବେ ରତନ ସାହୁ ଦାୟିତ୍ୱ ତୁଲାଇଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପିର ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସମାଜସେବୀ ମନୋଜ ପ୍ରଧାନ, ଶିଳ୍ପପତି ଶେଖ ଅତାହର, ବିଜେପି ନେତା ରୁଦ୍ର ନାରାୟଣ ନାରାୟଣ ବାହିନୀପତି, ସମିତି ସଭ୍ୟ ଦିଲ୍ଲୀପ ମହାପାତ୍ର, ସମାଜସେବୀ ଶରତ ଦଳେଇ, ଶିକ୍ଷାବିତ ଭାଗିରଥି ସାହୁ, ଆୟୋଜକ କମିଟି ସଭାପତି ସମ୍ ସୁର ଖାଁ, ଟୁର୍ନାମେଣ୍ଟ ପରିଚାଳକ ଆଲ୍ଲାରଖା ଖାଁ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି, ନୟାପଲ୍ଲୀ, ତୁଳଶିବେରେଣା ଓ ଦକ୍ଷିଣପାରିଖେତା ଗ୍ରାମବାସୀ ମିଳିତ ଭାବେ ଆୟୋଜନ କରିଥିବା ବେଳେ କମିଟିର ପ୍ରମୁଖ ଉପଦେଷ୍ଟା ଇସାକ ଖାଁ, ସମ୍ପାଦକ ଅଜୟ କୁମାର ସାହୁ, ବରିଷ୍ଠ ଉପଦେଷ୍ଟା ରଜନୀକାନ୍ତ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନା ର ତଦାରଖ କରିଥିଲେ। ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ।

## ସର୍ବଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନିରାକାରପୁର, ୨୩ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଆଜି ୧୩ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ମ୍ୟାଚରେ ସି ଜିୟୁ ନାଇଜେରିଆ ଇଲେଭେନ ବନାମ ଏୱାନ ଏକାଡେମୀ, କଲିକତା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ସି ଜିୟୁ ନାଇଜେରିଆ ଇଲେଭନକୁ ୩-୨ ଗୋଲରେ ହରାଇ ଏୱାନ ଏକାଡେମୀ, କଲିକତା ବିଜୟୀ ହୋଇଛି। ଆଜିର ଖେଳକୁ ଶିବ ଶଙ୍କର ପଣ୍ଡା, ଏମ ଏସ ବେଗ, ସୁଜିତ୍ ପାତ୍ର ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ସାହୁ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ ଓ ବୀରେନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁ ଚରଣ ସେଠୀ, ନୃସିହ ଚରଣ ମହାନ୍ତି, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲିର ମ୍ୟାଚ ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍, ବକ୍ସର, ବିହାର ଓ ଏଫ୍ ଏଫ୍ ଏ ମଣିପୁର, ଇମ୍ଫାଲ ମଧ୍ୟରେ ଅନୁଷ୍ଠିତ ହେବ।



